ପ୍ରାରମ୍ଭିକ ବିଜ୍ଞାନ

# ମାନସମନ୍ଥନ : ଧ୍ୱନି

# Brainstorming: sound





ଭାରତରେ ବିଦ୍ୟାଳୟ ଭିତ୍ତିକ
ସହାୟତା ମାଧ୍ୟମରେ ଶିକ୍ଷକ ଶିକ୍ଷା

www.TESS-India.edu.in

http://creativecommons.org/licenses/

ଭାରତରେ ବିଦ୍ୟାଳୟ ଭିତ୍ତିକ ସହଯୋଗ ମାଧ୍ୟମରେ ଶିକ୍ଷକ ଶିକ୍ଷା (ଟେସ-ଇଣ୍ଡିଆ) କାର୍ଯ୍ୟକ୍ରମ ଶିକ୍ଷକମାନଙ୍କୁ 'ମୁକ୍ତ ଶୈକ୍ଷିକ ସଂବଳ' ମାଧ୍ୟମରେ ଶିକ୍ଷାର୍ଥୀ କୈନ୍ଦ୍ରିକ, ସହଭାଗୀ ଶିକ୍ଷାପଦ୍ଧତିଗୁଡ଼ିକର ବିକାଶ କରିବାରେ ସହାୟତା ଦେବା ସହ ଭାରତରେ ଥିବା ପ୍ରାରମ୍ଭିକ ଓ ମାଧ୍ୟମିକ ଶିକ୍ଷକମାନଙ୍କ ଶ୍ରେଣୀଗୃହରେ କାର୍ଯ୍ୟଧାରା ଅଭିବୃଦ୍ଧି ପାଇଁ ଲକ୍ଷ୍ୟ ରଖିଛି । ଟେସ୍-ଇଣ୍ଡିଆର ଏହି 'ମୁକ୍ତ ଶୈକ୍ଷିକ ସଂବଳ' ଶିକ୍ଷକମାନଙ୍କ ପାଇଁ ବିଦ୍ୟାଳୟ ପାଠ୍ୟପୁସ୍ତକର ଏକ ସହଯୋଗୀ ଅଟେ । ଏଗୁଡ଼ିକ, ଅନ୍ୟ ଶିକ୍ଷକମାନେ ପ୍ରସଙ୍ଗଟିକୁ କିପରି ପଢ଼ାଇଛନ୍ତି ତାହା ପ୍ରଦର୍ଶନ କରିବା ସହ ଶ୍ରେଣୀଗୃହରେ ଶିକ୍ଷାର୍ଥୀମାନଙ୍କ ସହ ପ୍ରାକ୍ ପରୀକ୍ଷଣ ପାଇଁ ଶିକ୍ଷଣକାର୍ଯ୍ୟମାନ ଯୋଗାଇ ଦେଇଥାଏ । ଏହା ବ୍ୟତିତ ଶିକ୍ଷକମାନଙ୍କୁ ସେମାନଙ୍କ ପାଠ ଯୋଜନା ଏବଂ ବିଷୟଗତ ଜ୍ଞାନର ଅଭିବୃଦ୍ଧି ପାଇଁ ଏହା ସଂଯୋଗ ସ୍ଥାପନ କରେ ।

ଟେସ୍-ଇଣ୍ଡିଆର 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ଭାରତୀୟ ପାଠ୍ୟ ଖସଡ଼ା ଓ ପରିପେକ୍ଷୀ ଅନୁଯାୟୀ ଉଭୟ ଭାରତୀୟ ଓ ଆର୍ନ୍ତଜାତୀୟ ଲେଖକମାନଙ୍କ ସହଭାଗୀତାରେ ପ୍ରସ୍ତୁତ । ଏହା ଉଭୟ ଅନ୍‌ଲାଇନ ଓ ମୁଦ୍ରିତ ଭାବେ ବ୍ୟବହାର ପାଇଁ ଇଣ୍ଟରନେଟ୍ (http://www.tess-india.edu.in/)ରେ ଉପଲବ୍ଧ । 'ମୁକ୍ତ ଶୈକ୍ଷିକ ସଂବଳ'ଗୁଡ଼ିକ ବିଭିନ୍ନ  ଭାଷାରେ ଅନୁବାଦ କରାଯାଇ ଉପଲବ୍ଧ କରାଯାଇଛି ଓ ଟେସ୍-ଇଣ୍ଡିଆର କାର୍ଯ୍ୟକ୍ରମ ଚାଲୁଥିବା ଭାରତୀୟ ରାଜ୍ୟଗୁଡ଼ିକ ପାଇଁ ଉପଯୁକ୍ତ ଅଟେ । ଏହାର ବ୍ୟବହାରକାରୀମାନଙ୍କୁ ସ୍ଥାନୀୟ ପ୍ରାସଙ୍ଗିକତା ଓ ଆବଶ୍ୟକତାକୁ ଭରଣା କରିବା ନିମିତ୍ତ ସ୍ଥାନୀୟକରଣ କରି ଗ୍ରହଣ କରିବାକୁ ଆମନ୍ତ୍ରିତ କରାଯାଇଛି । ଟେସ୍-ଇଣ୍ଡିଆ ଭାରତ ଓ ଯୁକ୍ତରାଜ୍ୟ ସରକାରଙ୍କ ମିଳିତ କାର୍ଯ୍ୟକ୍ରମର ଏକ ଅଂଶ ଓ ଯୁକ୍ତରାଜ୍ୟ ର ମୁକ୍ତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ।

### ଭିଡ଼ିଓ ସମ୍ବଳ ସମୂହ

ଏହି ଏକକରେ କେତେକ କାର୍ଯ୍ୟମାନ ସଙ୍କେତ ସହ ସମ୍ମିଳିତ କରାଯାଇଛି । ଟେସ-ଇଣ୍ଡିଆର 'ଭିଡ଼ିଓ ସମ୍ବଳ ସମୂହ' ଶିକ୍ଷା ତତ୍ତ୍ୱ ଆଧାରିତ । ଏଥିରେ ଥିବା ଭିଡ଼ିଓଗୁଡ଼ିକ ନିର୍ଦ୍ଦିଷ୍ଟ ବିଷୟ ପାଇଁ ଭାରତୀୟ ଶ୍ରେଣୀଗୃହ ପରିପ୍ରେକ୍ଷୀରେ ପଢ଼ାଇବାର କୌଶଳଗୁଡ଼ିକୁ ସଚିତ୍ର ବର୍ଣ୍ଣନା କରିଛି । ଆମେ ଆଶାକରୁ ଯେ ଏଗୁଡ଼ିକ ଆପଣମାନଙ୍କୁ ଅନୁରୂପ କାର୍ଯ୍ୟଧାରାଗୁଡ଼ିକର ପରୀକ୍ଷଣ ନିମିତ୍ତ ଅନୁପ୍ରେରିତ କରିବ । ଏହିସବୁ ଆପଣଙ୍କ ଦ୍ୱାରା କରାଯାଉଥିବା ପାଠ୍ୟପୁସ୍ତକ ଆଧାରିତ କାର୍ଯ୍ୟଗୁଡ଼ିକର ଅଭିଜ୍ଞତା ବୃଦ୍ଧି କରିବା ନିମିତ୍ତ ଅଭିପ୍ରେରିତ । ଟେସ୍-ଇଣ୍ଡିଆ ଭିଡ଼ିଓ ସମ୍ବଳ ସମୂହ ଅନ୍‌ଲାଇନ୍‌ରେ http://www.tess-india.edu.in/) ଉପଲବ୍ଧ ଓ ଡାଉନ୍‌ଲୋଡ୍ କରାଯାଇପାରିବ । ଆପଣମାନେ ଏହି ଭିଡ଼ିଓଗୁଡ଼ିକୁ ସି.ଡ଼ି. ବା ମେମୋରୀ କାର୍ଡ଼ ମାଧ୍ୟମରେ ବ୍ୟବହାର କରି ପାରିବେ ।

ଓଡ଼ିଆ ସଂକଳନ 1.0 ପ୍ରାରମ୍ଭିକ ବିଜ୍ଞାନ 01 ଓଡ଼ିଆ ଭାଷାନ୍ତର ସହାୟତା : ଭାରତ ଜ୍ଞାନ ବିଜ୍ଞାନ ସମିତି : ଓଡିଶା
Odisha

ଏହି ସଂକଳନଟି 'ଟେସ୍ ଇଣ୍ଡିଆର ମୁକ୍ତ ଶିକ୍ଷା ସମ୍ବଳ'ର ପ୍ରାରମ୍ଭିକ ବିଜ୍ଞାନ ସଂକଳନର ଏକ ଭାଗ ଅଟେ । ମୂଳ ଇଂରାଜୀ ଲେଖାକୁ ଡକ୍ଟର ସୁସନ୍ଧ୍ୟା ମହାନ୍ତି ଓଡ଼ିଆ ଭାଷାରେ ଭାଷାନ୍ତର କରିଥିବା ବେଳେ ଡକ୍ଟର ପ୍ରୀତିଲତା ଜେନା ସମୀକ୍ଷା କରିଛନ୍ତି । ଏହି ସଂକଳନରେ ବ୍ୟବହୃତ ହୋଇଥିବା ତୃତୀୟ ପକ୍ଷ ସାଧନ ବ୍ୟତୀତ ଅନ୍ୟ ସମସ୍ତ ସମ୍ବଳ / ଲେଖ http:// creativecommons.org/licenses/by-sa/3.0/ ରେ ମୁକ୍ତ ବ୍ୟବହାର ପାଇଁ ଉପଲବ୍ଧ ଅଟେ ।

*TESS-India is led by The Open University UK and funded by UK aid from the UK government*

## ଏହି ଏକକରେ କ'ଣ ଅଛି

ଏହି ଏକକଟିର ଲକ୍ଷ୍ୟ ହେଲା ଶିକ୍ଷାର୍ଥୀମାନଙ୍କ ସହିତ ମାନସ ମନ୍ଥନ କୌଶଳ ବ୍ୟବହାର କରିବାରେ ଆପଣଙ୍କ ନିପୁଣତା ହାସଲ କରିବ ।

ମାନସମନ୍ଥନରେ ଶିକ୍ଷାର୍ଥୀମାନଙ୍କୁ ଏକ ପ୍ରସଙ୍ଗ ବା ବିଷୟ ଦେଇ ଉଦାହରଣ ସ୍ୱରୂପ 'ଧ୍ୱନି' ଏବଂ ଏହି ପ୍ରସଙ୍ଗ ସଂପର୍କରେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ମନକୁ ଆସୁଥିବା ଧାରଣାଗୁଡ଼ିକୁ ଆପଣଙ୍କ ଆଗରେ ପ୍ରକାଶ କରିବାକୁ କହିବା । ଏହି ଉପାୟରେ ଏକ ପ୍ରସଙ୍ଗ ସଂପର୍କରେ ସେମାନଙ୍କର ବୋଧଗମ୍ୟତାର ଚିତ୍ର ଆପଣ ତିଆରି କରି ପାରିବେ । ଶିକ୍ଷାର୍ଥୀମାନଙ୍କୁ ଅଧିକ ଅଂଶଗ୍ରହଣ କରିବା ପାଇଁ ଉତ୍ସାହିତ କରିବାର ଏହା ଏକ ଉପାୟ କାରଣ ଆପଣ ସେମାନଙ୍କର ସମସ୍ତ ଉତ୍ତରଗୁଡ଼ିକୁ ଗ୍ରହଣ କରିଥା'ନ୍ତି । ତେଣୁ ଭୁଲ୍ ଉତ୍ତର ପାଇଁ ସେମାନେ ବ୍ୟସ୍ତ ହୁଅନ୍ତି ନାହିଁ ।

ମାନସମନ୍ଥନକୁ କିପରି ବ୍ୟବହାର କରିବେ ତାହା ଏହି ଏକକ ଆପଣଙ୍କୁ ଜଣାଇଥାଏ ଓ ଅତି ଫଳପ୍ରଦ ପାଠଗୁଡ଼ିକୁ ଯୋଜନା କରିବାରେ ଆପଣ ସଂଗ୍ରହ କରିଥିବା ସୂଚନାଗୁଡ଼ିକୁ କିପରି ବ୍ୟବହାର କରିବେ ତାହାର ଯୋଜନା କରିବାରେ ଆପଣଙ୍କୁ ସହାୟତା ମଧ୍ୟ ଦେଇଥାଏ । ଏ କ୍ଷେତ୍ରରେ ଶିକ୍ଷାଦାନ କେବଳ ପାଠ୍ୟ ପୁସ୍ତକରେ ଥିବା ବିଷୟବସ୍ତୁ ଆଧାରିତ ହୋଇନଥାଏ, ବରଂ ଶିକ୍ଷାର୍ଥୀମାନଙ୍କ ପୂର୍ବ ଜ୍ଞାନକୁ ନେଇ କରାଯାଇଥାଏ । ଏହି ସବୁ କୌଶଳ ପ୍ରୟୋଗ ଦ୍ୱାରା ଶିକ୍ଷାର୍ଥୀମାନଙ୍କ ଅଂଶଗ୍ରହଣ ଓ ଶିକ୍ଷଣ କିପରି ପ୍ରଭାବିତ ହୋଇପାରୁଛି, ସେ ସବୁର ଆକଳନ କରିବା ପାଇଁ ଆପଣ ସୁଯୋଗ ପାଇବେ ।

## ଏହି ଏକକରୁ କ'ଣ ଶିଖିବେ

- ଶିକ୍ଷାଦାନ ସମୟରେ ମାନସମନ୍ଥନ କିପରି ବ୍ୟବହାର କରାଯିବ ।
- ଶିକ୍ଷାର୍ଥୀମାନଙ୍କର ପୂର୍ବଜ୍ଞାନକୁ ଜାଣିବା ପାଇଁ ମାନସମନ୍ଥନ କିପରି ବ୍ୟବହାର କରାଯିବ ।
- ଶିକ୍ଷାର୍ଥୀମାନଙ୍କର ଶିକ୍ଷଣର ଆବଶ୍ୟକତା ଓ ଧାରଣାକୁ ଅଧିକ ଦୃଢ଼ୀଭୂତ କରିବା ପାଇଁ ଏକ ଫଳପ୍ରଦ ଶିକ୍ଷଣ ଯୋଜନା ପ୍ରସ୍ତୁତିରେ ମାନସମନ୍ଥନ କିପରି ବ୍ୟବହାର କରାଯିବ ।

## ଏହି ପନ୍ଥା କାହିଁକି ଗୁରୁତ୍ୱପୂର୍ଣ୍ଣ

ମାନସମନ୍ଥନ ଗୁରୁତ୍ୱପୂର୍ଣ୍ଣ ଅଟେ କାରଣ ଏହା ଏକ ଉପଯୋଗୀ ଓ ତ୍ୱରିତ ଶିକ୍ଷଣ କୌଶଳ, ଯାହାକୁ ଆପଣ କୌଣସି ଏକ ନୂତନ ପ୍ରସଙ୍ଗ ଶିକ୍ଷାଦାନ ଆରମ୍ଭ ପୂର୍ବରୁ ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ଖୋଜି ବାହାର କରିବାକୁ ବ୍ୟବହାର କରିପାରିବେ । ଏହା ପାଠ ବା ପ୍ରସଙ୍ଗ ଆରମ୍ଭରେ, ମଝିରେ ବା ଶେଷରେ ବ୍ୟବହାର କରାଯାଇ ପାରିବ, ଯାହାଫଳରେ ଶିକ୍ଷାର୍ଥୀମାନେ ଏହା ମଧ୍ୟରେ କି ପ୍ରକାର ସଂପର୍କ ସ୍ଥାପନ କରିପାରୁଛନ୍ତି ତାହା ଆପଣ ଦେଖିପାରିବେ । ଶିକ୍ଷାର୍ଥୀମାନେ ଗୁରୁତ୍ୱପୂର୍ଣ୍ଣ ବିଚାର କରୁଥିବା କଥାଗୁଡ଼ିକୁ ଦେଖିବାରେ ଏହା ଆପଣଙ୍କୁ ସାହାଯ୍ୟ କରେ ଓ ସେମାନଙ୍କ ପାଖରେ ଥିବା କେତେକ ଭୁଲବୁଝାମଣାକୁ ଆଲୋକପାତ କରିପାରେ ।



ଟିକିଏ ଚିନ୍ତା କରନ୍ତୁ

ଆପଣ କେବେ ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ ନୂଆ ପ୍ରସଙ୍ଗ ବା ବିଜ୍ଞାନର ଏକ ନିର୍ଦ୍ଦିଷ୍ଟ ଘଟଣା କିମ୍ବା ସାମାଜିକ ପାଠଗୁଡ଼ିକ ବିଷୟରେ ସେମାନଙ୍କର ଧାରଣା ସବୁ ବିଷୟରେ ପଚାରିଛନ୍ତି କି ? ଯଦି ହଁ, ଏହା ଦରକାର ଥିଲା କି ? କିପରି ? ଏହା କାହିଁକି ଏକ ଉପଯୋଗୀ କୌଶଳ ହୋଇପାରିବ ?

# 1 ମାନସମନ୍ଥନ କ'ଣ ?

ମାନସମନ୍ଥନ ଏକ କୌଶଳ ଯାହା ପ୍ରସଙ୍ଗ ସଂପର୍କିତ ଧାରଣାଗୁଡ଼ିକୁ ପରସ୍ପର ମଧ୍ୟରେ ବିନିମୟ କରିବାରେ ଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରେ । ଧ୍ୱନି ବା 'ଧ୍ୱନି' କହିଲେ କ'ଣ ବୁଝ ? ଭଳି ଗୋଟିଏ ଶବ୍ଦ ବା ପ୍ରଶ୍ନ ବ୍ୟବହାର କରି, ସେମାନଙ୍କ ମନକୁ ଆସୁଥିବା ଯେକୌଣସି ଧାରଣାଗୁଡ଼ିକୁ ଦେବାକୁ ଆପଣ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କୁ କହି ପାରିବେ । ଚିତ୍ର-1ରେ ଦର୍ଶାଯାଇଥିବା ଭଳି ଶିକ୍ଷାର୍ଥୀମାନେ ଉତ୍ତର ଦେଉଥିବାବେଳେ ଆପଣ ଉତ୍ତରଗୁଡ଼ିକୁ କଳାପଟାରେ ଲିପିବଦ୍ଧ କରନ୍ତୁ । (ବା ଜଣେ ଶିକ୍ଷାର୍ଥୀ)




ଚିତ୍ର 1 'ଧ୍ୱନି' ବିଷୟରେ ଏକ ମାନସ ମନ୍ଥନକୁ ଲିପିବଦ୍ଧ କରିବା

ମାନସମନ୍ଥନ ସମଗ୍ର ଶ୍ରେଣୀରେ- ଏପରିକି ବେଶୀ ଶିକ୍ଷାର୍ଥୀ ଥିବା ଏକ ବଡ଼ ଶ୍ରେଣୀରେ କରାଯାଇପାରିବ- କାରଣ ସମସ୍ତ ଶିକ୍ଷାର୍ଥୀଙ୍କୁ ସେମାନଙ୍କ ଧାରଣାଗୁଡ଼ିକୁ ପ୍ରକାଶ କରିବା ନିମିତ୍ତ ସୁଯୋଗ ଦିଆଯାଇ ପାରିବ । ଦଳଗୁଡ଼ିକରେ ବା ଯୋଡ଼ିରେ ଏହି କୌଶଳ ବ୍ୟବହାର କରିବା ମଧ୍ୟ ସମ୍ଭବ ଅଟେ । ମାନସ ମନ୍ଥନ ପୂର୍ବର ପ୍ରସଙ୍ଗ ସଂପର୍କରେ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ପାଖ ଶିକ୍ଷାର୍ଥୀ ସହିତ କିଛି ମିନିଟ୍ କଥାବାର୍ତ୍ତା ହେବା ପାଇଁ ସୁଯୋଗ ଦେବା ଫଳରେ ସେମାନେ ଯାହା ଜାଣିଛନ୍ତି ସେ ବିଷୟରେ ଅଧିକ ଗଭୀରଭାବେ ଚିନ୍ତା କରିବାକୁ ଏହା ସେମାନଙ୍କୁ ସାହାଯ୍ୟ କରିପାରିବ । ଯେହେତୁ ପ୍ରତ୍ୟେକ ଶିକ୍ଷାର୍ଥୀ କହିବେ, ଅନ୍ୟମାନେ ତାହା ଶୁଣି ଅଧିକ ବିସ୍ତୃତଭାବରେ ଚିନ୍ତା କରିବାକୁ ଉତ୍ସାହିତ ହୋଇଥାନ୍ତି । ଧ୍ୱନୀ ଭଳି ଏକ ପ୍ରସଙ୍ଗ ସଂପର୍କରେ ଅଧିକ ଗଭୀର ଓ ସୃଜନାତ୍ମକଭାବେ ଚିନ୍ତା କରିବାକୁ ଉତ୍ସାହିତ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଅଟେ ।

ପରିସ୍ଥିତି ଅନୁଧ୍ୟାନ-1 ପଢ଼ନ୍ତୁ, ପ୍ରଥମେ ଜଣେ ଶିକ୍ଷୟିତ୍ରୀ କିପରି ଏହି କୌଶଳ ଆଧାରିତ ଅଭିଜ୍ଞତା ହାସଲ କରିଥିଲେ ଓ ପରେ ଏହାକୁ ନିଜ ଶ୍ରେଣୀରେ ବ୍ୟବହାର କରିଥିଲେ ତାହା ଏହି ପରିସ୍ଥିତି ଅନୁଧ୍ୟାନ ପ୍ରଦର୍ଶିତ କରେ ।

## ପରିସ୍ଥିତି ଅନୁଧ୍ୟାନ-1 ଶ୍ରୀମତୀ ମହାପାତ୍ରଙ୍କର ମାନସ ମନ୍ଥନ ଆଧାରିତ ପ୍ରଥମ ଅନୁଭୂତି

*ଶ୍ରୀମତୀ ମହାପାତ୍ର କିପରି ପ୍ରଥମ ଥର ପାଇଁ ଏହି ମାନସମନ୍ଥନ ଜନିତ ଅଭିଜ୍ଞତା ହାସଲ କରିଥିଲେ ଓ ଉପାୟଗୁଡ଼ିକ ଦ୍ୱାରା କିପରି ଉତ୍ସାହିତ ହୋଇଥିଲେ ଯାହା ଏକ ବଡ଼ ଦଳରେ କଥୋପକଥନ ପାଇଁ ତାଙ୍କ ମନରେ ବିଶ୍ୱାସ ଜନ୍ମାଇଥିଲା; ତାହା ସେ ମହାଶୟା ବର୍ଣ୍ଣନା କରିଛନ୍ତି । ତାଙ୍କ ଶ୍ରେଣୀଗୁଡ଼ିକୁ ଅଧିକ କ୍ରିୟାପ୍ରକ୍ରିୟା ଭିତ୍ତିକ କରିବା ବିଷୟରେ ଅଧିକ ଗଭୀରଭାବେ ଚିନ୍ତା କରିବାକୁ ଏହା ତାଙ୍କୁ ସାହାଯ୍ୟ କଲା ।*

ଶିକ୍ଷାର୍ଥୀମାନଙ୍କ ପାଇଁ ପରିବେଶ ଶିକ୍ଷା ପାଠଗୁଡ଼ିକୁ ଅଧିକ ପାରସ୍ପରିକ କ୍ରିୟାଭିତ୍ତିକ କରିବା ନିମିତ୍ତ ଯେତେବେଳେ ଏକ ଦିନିକିଆ ପାଠ୍ୟକ୍ରମରେ ଯୋଗ ଦେବାକୁ ଗଲି ମୁଁ ପ୍ରଥମ ଥର ପାଇଁ ମାନସ ମନ୍ଥନ ବିଷୟରେ ଶୁଣିଲି । ଯେତେବେଳେ ପ୍ରଶିକ୍ଷକ କଳାପଟାରେ "ପାରସ୍ପରିକ କ୍ରିୟା ପ୍ରତିକ୍ରିୟାଭିତ୍ତିକ ଶିକ୍ଷାଦାନ" ଲେଖିଲେ, କୋଡ଼ିଏ ଜଣିଆ ଶିକ୍ଷକଙ୍କର ଏକ ଦଳ ଭାବରେ ମନକୁ ଆସୁଥିବା ସବୁ ଧାରଣାଗୁଡ଼ିକ ବିଷୟରେ ଆମକୁ ମାନସ ମନ୍ଥନ କରିବାକୁ କୁହାଗଲା । ଆମ ମନକୁ ଆସୁଥିବା ଭାବନାଗୁଡ଼ିକୁ ପ୍ରକାଶ କରିବାକୁ ପ୍ରଶିକ୍ଷକ ଆମକୁ କହିଲେ ପ୍ରଥମେ କିଛି କହିବାକୁ ମୁଁ ଭୟ କରୁଥିଲି । ଯେତେବେଳେ ପ୍ରଶିକ୍ଷକ ସମସ୍ତ ଶବ୍ଦଗୁଡ଼ିକୁ କଳାପଟାରେ ଲେଖିଲେ, ଯାହା ସବୁ ପୂର୍ବରୁ କୁହାଯାଇଥିଲା, ଏଗୁଡ଼ିକ ବିଷୟରେ ମୁଁ ଚିନ୍ତା କଲି । ମୁଁ ମୋର ଧାରଣାଗୁଡ଼ିକୁ ବ୍ୟକ୍ତ କରିବା ପାଇଁ ଆରମ୍ଭ କଲି, ତେଣୁ ମୁଁ କହିଲି 'ଧାରଣାଗୁଡ଼ିକର ବିନିମୟ କରିବା', ଯାହା ଏକ ଭଲ ଧାରଣା ବୋଲି ପ୍ରଶିକ୍ଷକ ମନ୍ତବ୍ୟ ଦେଲେ । ଏହି ଟିପ୍ପଣୀ ମୋତେ ଅଧିକ ବିଶ୍ୱାସୀ କରାଇଲା ତେଣୁ ମୁଁ ଅନ୍ୟ ଧାରଣାଗୁଡ଼ିକୁ କହିବାକୁ ଆରମ୍ଭ କଲି । ମୁଁ ଅନେକ ସେବାକାଳୀନ ତାଲିମ୍‌ରେ ଯୋଗଦେଇ ଆସୁଥିଲି କିନ୍ତୁ ସେଗୁଡ଼ିକରେ କେବେ କିଛି କହି ନ ଥିଲି । ତେଣୁ ମୋ ନିଜ ଉପରେ ମୁଁ ଅତ୍ୟନ୍ତ ଖୁସି ହୋଇଥିଲି ।

ଘଟଣାକ୍ରମେ ପ୍ରଶିକ୍ଷକଙ୍କୁ ଲେଖା ବନ୍ଦ କରିବାକୁ ପଡ଼ିଲା କାରଣ କଳାପଟାଟି ବିସ୍ତୃତ ପରାମର୍ଶଗୁଡ଼ିକରେ ପୁରିଗଲା । ତା'ପରେ ସେ ଆମ ଧାରଣାଗୁଡ଼ିକୁ ଅତି ନିକଟରୁ ନିରୀକ୍ଷଣ କଲେ ଓ ଆମକୁ ଏହି ଧାରଣାଗୁଡ଼ିକ ଯଦି ଉପାୟମାନ ଥାଏ ତେବେ ସେହି ଧାରଣାଗୁଡ଼ିକୁ ଭାଗ କରିବାକୁ ଆମକୁ କହିଲେ ଯେପରି ଶିକ୍ଷକମାନଙ୍କ ପାଇଁ କରିବାକୁ ଥିବା ଧାରଣା ଓ ଶିକ୍ଷାର୍ଥୀମାନଙ୍କ ପାଇଁ ଥିବା ଧାରଣାଗୁଡ଼ିକ । ଅନେକଗୁଡ଼ିଏ ଧାରଣା ଓ କୌଶଳ ସମୂହକୁ ସଂଗଠିତ କରିବାରେ ଏହା ସଂପୂର୍ଣ୍ଣ ସହାୟକ ହେବ ବୋଲି ମୁଁ ଜାଣିଲି । ନିଜର ପରିବର୍ତ୍ତୀ ସମୟରେ ଏହି ପରାମର୍ଶଗୁଡ଼ିକ ମଧ୍ୟରୁ କେତେକ କିପରି ବ୍ୟବହାର କରାଯାଇ ପାରିବ ତାହା ଉପରେ ଆମେ ଲକ୍ଷ୍ୟ କେନ୍ଦ୍ରିଭୂତ କଲୁ । ସେଥିମଧ୍ୟରୁ ଗୋଟିଏ ଥିଲା ମୋ ଶିକ୍ଷାର୍ଥୀମାନଙ୍କ ସହ କିପରି ମାନସ ମନ୍ଥନ କରିବା ଯାହାକୁ ମୁଁ ବାସ୍ତବରେ ସହାୟକ ବୋଲି ଜାଣିଲି । ଏହି କୌଶଳକୁ ମୋ ଶିକ୍ଷାର୍ଥୀମାନଙ୍କ ସହ କିପରି ବ୍ୟବହାର କରିପାରିବି ସେ ବିଷୟରେ ଚିନ୍ତା କରି ମୁଁ ଘରକୁ ଫେରିଲି । ମୁଁ ଜଣେ ସହକର୍ମୀଙ୍କ ସହ କଥା ହେବାକୁ ସ୍ଥିର କଲି, ଯାହାଙ୍କ ସହ ମୁଁ ସବୁବେଳେ ପାଠ ଓ ପ୍ରସଙ୍ଗଗୁଡ଼ିକ ସଂପର୍କିତ ଧାରଣାଗୁଡ଼ିକୁ ମୋ ଶ୍ରେଣୀରେ ଚେଷ୍ଟା କରିବା ପୂର୍ବରୁ ବିନିମୟ କରିଥାଏ । ଶ୍ରୀମତୀ ମହାପାତ୍ରଙ୍କ ପାଖରେ ଥିବା ଅଭିଜ୍ଞତା ଓ ତାଙ୍କ ଉପରେ ଏହାର ପ୍ରଭାବ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ । ଯଦି ସମ୍ଭବ ପରବର୍ତ୍ତୀ ପର୍ଯ୍ୟାୟରେ କାର୍ଯ୍ୟଟିକୁ ଆପଣଙ୍କ ସହକର୍ମୀଙ୍କ ସହ ଚେଷ୍ଟା କରନ୍ତୁ ।

ଶ୍ରୀମତୀ ମହାପାତ୍ର ଏହି କୌଶଳକୁ ପ୍ରୟୋଗ କରି ଯେଉଁ ଅନୁଭୂତି ପାଇଥିଲେ, ତା ଦ୍ୱାରା ଯଥେଷ୍ଟ ପ୍ରଭାବିତ ହୋଇଥିଲେ । ଯଦି ସମ୍ଭବ, ପରବର୍ତ୍ତୀ କାର୍ଯ୍ୟକୁ ନିଜର ସହକର୍ମୀଙ୍କୁ ନେଇ ଚେଷ୍ଟା କରନ୍ତୁ ।

## ଶିକ୍ଷଣକାର୍ଯ୍ୟ-1 : ଆପଣ ନିଜେ କିମ୍ବା ସହକର୍ମୀଙ୍କ ସହ ମାନସ ମନ୍ଥନ କରିବା

ଆପଣ ଶିକ୍ଷାଦେବାକୁ ଥିବା ବିଜ୍ଞାନ ବା ପରିବେଶ ବିଜ୍ଞାନର କେତେକ ପ୍ରସଙ୍ଗ ସବୁକୁ ଦେଖନ୍ତୁ ଓ ଆପଣଙ୍କ ଶିକ୍ଷାର୍ଥୀମାନେ ଯାହା ଜାଣି ସାରିଛନ୍ତି ତାହା ଜାଣିବାକୁ ଆପଣ ଚିନ୍ତା କରୁଥିବା ଏକ ଉପଯୋଗୀ ପ୍ରସଙ୍ଗକୁ ବାଛନ୍ତୁ, ଯେଉଁଥିରେ କି ଶିକ୍ଷାର୍ଥୀମାନଙ୍କର ପ୍ରସଙ୍ଗ ସଂପର୍କିତ ପୂର୍ବଜ୍ଞାନ ଆପଣଙ୍କୁ ଶିକ୍ଷାଦାନ ସମୟରେ ସାହାଯ୍ୟ କରିବ । ଆପଣ ନିଜେ ବା ଶ୍ରେଣୀରେ ନୂଆ ଓ ଭିନ୍ନ ଭିନ୍ନ କୌଶଳ ବ୍ୟବହାର କରି ସମାନ ଶ୍ରେଣୀରେ ପଢ଼ାଉଥିବା ଆଉ ଜଣେ ଆପଣଙ୍କ ପସନ୍ଦର ଆଗ୍ରହୀ ସମକର୍ମୀଙ୍କ ସହିତ ଧ୍ୱନୀ ବିଷୟରେ ଯାହା

ଜାଣିଛନ୍ତି (ବା ଅନ୍ୟ ଏକ ପ୍ରସଙ୍ଗ) ତାହାକୁ ନିଜେ ବଡ଼ ପାଟିରେ "ଧ୍ୱନି" ଶବ୍ଦକୁ କୁହନ୍ତୁ ଓ ଆପଣଙ୍କ ମନ ଭିତରକୁ ହଠାତ୍ ପଶି ଆସୁଥିବା ସମସ୍ତ ଧାରଣାଗୁଡ଼ିକୁ ଶୁଣନ୍ତୁ ଓ ଲେଖନ୍ତୁ । ପରସ୍ପର ସହ କଥା ହେଉଥିବା ଭଳି ଏହାକୁ ଖୁବ୍ ଶୀଘ୍ର କରନ୍ତୁ, କିଛି ସମୟ ପରେ ଲେଖା ବନ୍ଦ କରନ୍ତୁ ଓ ଆପଣ ଲେଖିଥିବା ଧାରଣାଗୁଡ଼ିକୁ ଦେଖନ୍ତୁ ।

ଏବେ ଚିନ୍ତା କରନ୍ତୁ କିପରି ଶବ୍ଦଗୁଡ଼ିକୁ ଏକତ୍ର କରି ବିଭିନ୍ନ ଭାଗରେ ବିଭକ୍ତ କରିବେ । ଏହା କରିବାକୁ ଧ୍ୱନି ସଂପର୍କିତ ଏକ ପାଠର ଗୁରୁତ୍ୱ କାହା ଉପରେ ହୋଇପାରେ ତାହା ଆପଣ ଚିନ୍ତା କରିବା ଦରକାର ଓ ପରେ ଶବ୍ଦଗୁଡ଼ିକୁ ଶୈକ୍ଷିକ ଉଦ୍ଦେଶ୍ୟ ଆଧାରରେ ଏକତ୍ର ଭାଗ କରନ୍ତୁ । ଯଦି ଆପଣ ବିଭିନ୍ନ ପଦାର୍ଥ ଓ ପଶୁମାନେ ସୃଷ୍ଟି କରୁଥିବା ଧ୍ୱନିର ଅନ୍ୱେଷଣ କରୁଥା'ନ୍ତି ତେବେ ଆପଣ ଧ୍ୱନି କିପରି ସୃଷ୍ଟି ହୁଏ ଅନ୍ୱେଷଣ କ୍ଷେତ୍ରରେ ଭିନ୍ନ ଉପାୟରେ ଶବ୍ଦଗୁଡ଼ିକୁ ଭାଗ କରିବେ ।

ଧ୍ୱନୀ ପ୍ରସଙ୍ଗ ଉପରେ ଅଧିକ ଗୁରୁତ୍ୱ ଦେବାରେ କରିବାରେ ଏହି କୌଶଳ ଆପଣଙ୍କୁ କିପରି ପ୍ରସ୍ତୁତ କରିଛି ତାହା ମଧ୍ୟ ଆଲୋଚନା କରନ୍ତୁ ।



### ଟିକିଏ ଚିନ୍ତା କରନ୍ତୁ

ଆପଣଙ୍କ ସହକର୍ମୀଙ୍କ ସହ ଏହା କରିବାରେ ଆପଣ ଉପଭୋଗ କଲେ କି ? ଧ୍ୱନି ସଂପର୍କରେ ଅଧିକ ଧାରଣା ସବୁକୁ ଚିନ୍ତା କରିବାରେ ଏହା ଆପଣଙ୍କୁ କେତେ ଅଧିକ ସାହାଯ୍ୟ କଲା ? ଆପଣଙ୍କ ଶ୍ରେଣୀରେ ବା ଶ୍ରେଣୀର ଗୋଟିଏ ଦଳରେ ଆପଣ ଏହାକୁ କିପରି କରିପାରିବେ ଚିନ୍ତା କରନ୍ତୁ ।

## 2 ଶ୍ରେଣୀଗୃହରେ ମାନସମନ୍ଥନ

ଆପଣଙ୍କ ଶିକ୍ଷାର୍ଥୀମାନଙ୍କ କଳ୍ପନା ଶକ୍ତିକୁ ଉଦ୍ଦୀପିତ କରିବା ଓ ସେମାନେ ଯାହା ଜାଣିଛନ୍ତି ତାହା ବିଷୟରେ ଚିନ୍ତା କରିବାକୁ ଉତ୍ସାହିତ କରିବା ଅର୍ଥ ଆପଣ କାର୍ଯ୍ୟ କରୁଥିବା ଉପାୟଗୁଡ଼ିକରେ ନିଜେ ସୃଜନଶୀଳ ହେବା ଆବଶ୍ୟକ । ଶିକ୍ଷଣ କାର୍ଯ୍ୟ-୧ରେ ଆପଣ ଚେଷ୍ଟା କରିଥିବା କାର୍ଯ୍ୟଟି ମାନସମନ୍ଥନର ଗୋଟିଏ ଉପାୟ । ଆପଣ ଯେତେ ଅଭିଜ୍ଞତା ହାସଲ କରିବେ, ଏହା ଆପଣଙ୍କ ମସ୍ତିଷ୍କକୁ ଉଦ୍ଦୀପିତ କରିବ ଓ ବିସ୍ତାରିତ ଭାବେ ଚିନ୍ତା କରିବାକୁ ଆପଣଙ୍କୁ ଉତ୍ସାହିତ କରିବ । ମାନସମନ୍ଥନ ପାଇଁ ଅନ୍ୟ ଉପାୟଗୁଡ଼ିକର ବ୍ୟବହାର ସଂପର୍କିତ ଅନ୍ୱେଷଣ କରିବା ପୂର୍ବରୁ ଆପଣ ଏବେ ଆପଣଙ୍କ ଶ୍ରେଣୀରେ ଏହି ପଦ୍ଧତିକୁ ଚେଷ୍ଟା କରନ୍ତୁ ।

### ଶିକ୍ଷଣକାର୍ଯ୍ୟ 2: ଆପଣଙ୍କ ଶ୍ରେଣୀରେ 'ଧ୍ୱନି' ସଂପର୍କିତ ମାନସ ମନ୍ଥନ କରିବା

ଶିକ୍ଷାର୍ଥୀମାନେ ମାନସ ମନ୍ଥନ କୌଶଳ ସହ ପରିଚିତ ହେବା ଆବଶ୍ୟକ । ମାନସମନ୍ଥନ କରିବା ପୂର୍ବରୁ ଆପଣ ଏହି କିପରି ପରିଚିତ କରିବେ ଚିନ୍ତା କରନ୍ତୁ । ସେମାନଙ୍କୁ ଯାହା କରିବାକୁ ଅଛି ସେ ସଂପର୍କରେ କ'ଣ ସବୁ ମୁଖ୍ୟ ବିଷୟ ଜାଣିବାର ଆବଶ୍ୟକତା ରହିଛି ?

ମାନସମନ୍ଥନ ସମୟରେ ଏହା ଗୁରୁତ୍ୱପୂର୍ଣ୍ଣ ଯେ :

- କୁହାଯାଇଥିବା କଥାକୁ ଶିକ୍ଷାର୍ଥୀମାନେ ସମ୍ମାନ ଦେବେ
- ପ୍ରତ୍ୟେକଙ୍କର କହିବାର ଅଧିକାର ଅଛି
- ପାଳି ଅନୁସାରେ ଆଗେଇବା ଗ୍ରହଣ ଯୋଗ୍ୟ ହେବା ଦରକାର
- ଉତ୍ତରଗୁଡ଼ିକରେ ବିବିଧତା ହେଲେ ଭଲ

ଆପଣ କାହିଁକି ଆପଣଙ୍କ ଶ୍ରେଣୀରେ ମାନସମନ୍ଥନ କରୁଛନ୍ତି ସେ ବିଷୟରେ ଆପଣ ସ୍ପଷ୍ଟ ହେବା ଦରକାର । ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କଠାରୁ ଧ୍ୱନୀ ବା ଅନ୍ୟ ପ୍ରସଙ୍ଗ ବିଷୟରେ ସେମାନେ କ'ଣ ଜାଣିଛନ୍ତି ଆପଣ ସେ ବିଷୟରେ ଜାଣିବାକୁ ଚାହାଁନ୍ତି ।

ଥରେ ଆପଣଙ୍କ ଯୋଜନାଟିକୁ ଲିପିବଦ୍ଧ କରିଦେବା ପରେ ଆପଣ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ସହ ମାନସ ମନ୍ଥନର ପ୍ରାକ୍‌ପରୀକ୍ଷା ନିମିତ୍ତ ପ୍ରସ୍ତୁତ ହୋଇଯାଆନ୍ତୁ । ଆପଣଙ୍କ ଶ୍ରେଣୀରେ ମାନସ ମନ୍ଥନ କୌଶଳକୁ ଚେଷ୍ଟା କରନ୍ତୁ । ଯଦି ପାରିବେ, ଆପଣଙ୍କର ସହକର୍ମୀଙ୍କୁ ସେମାନଙ୍କର ଗୋଟିଏ ଶ୍ରେଣୀରେ ଏହା କରିବାକୁ ଦିଅନ୍ତୁ ।

ମାନସମନ୍ଥନ କରି ସାରିବା ପରେ କିଛି ସମୟ ଚିନ୍ତା କରନ୍ତୁ, ଏହି ଅଧିବେଶନଟି କିପରି ଭଲଭାବରେ ପରିଚାଳିତ ହେଲା ଓ ଆପଣ ଏହା କାହିଁକି ଭାବୁଛନ୍ତି ?

### ଟିକିଏ ଚିନ୍ତା କରନ୍ତୁ

ମାନସମନ୍ଥନ ଅଧିବେଶନ ପରେ ନିମ୍ନୋକ୍ତ ବିଷୟରେ ଚିନ୍ତା କରନ୍ତୁ ।

- ଆପଣ କ'ଣ ସବୁ କଲେ ଓ କହିଲେ, ବୁଝିବା ଓ ଅଂଶଗ୍ରହଣ କରିବା ପାଇଁ ଏହା ଶିକ୍ଷାର୍ଥୀମାନଙ୍କୁ କିପରି ସାହାଯ୍ୟ କଲା ? ଆପଣ ଏହାକୁ ସହଜରେ ପରିଚାଳନା କଲେ କି ? ଆପଣ ଏହା କିପରି ଜାଣିଲେ ? ଯଦି ଆଉ ଥରେ ଆପଣ ମାନସମନ୍ଥନ କରନ୍ତି, ଆପଣ କିପରି ଏହାକୁ ଭଲ କରିପାରିବେ ?
- ଶିକ୍ଷାର୍ଥୀମାନେ କିପରି ଉତ୍ତର ଦେଲେ, ଆପଣ ଏ ବିଷୟରେ ଓ ସେମାନେ କ'ଣ ଜାଣିଛନ୍ତି ବୋଲି କ'ଣ ଜାଣିଲେ । ସେମାନେ କାର୍ଯ୍ୟଟିକୁ ଉପଭୋଗ କଲେ କି ? ଏହି ଅଧିବେଶନରେ ଅପେକ୍ଷାକୃତ ଅଧିକ ଶିକ୍ଷାର୍ଥୀ କହିଲେ କି ? ଧ୍ୱନି ସଂପର୍କରେ ସେମାନେ ଯାହା ଜାଣନ୍ତି ଓ ଯେଉଁ ବିଷୟରେ ସେମାନେ ସ୍ପଷ୍ଟ ନୁହଁନ୍ତି ସେ ସଂପର୍କରେ ତାତ୍ପର୍ଯ୍ୟପୂର୍ଣ୍ଣ କଥାଗୁଡ଼ିକୁ ଲେଖି ରଖନ୍ତୁ । ପରବର୍ତ୍ତୀ ପାଠଗୁଡ଼ିକରେ ସେମାନଙ୍କର ବୋଧଗମ୍ୟତାକୁ ବୃଦ୍ଧି କରିବାରେ ସାହାଯ୍ୟ କରିବାକୁ ଆପଣ ଏହି ସୂଚନାଗୁଡ଼ିକୁ କିପରି ବ୍ୟବହାର କରିବେ ଚିନ୍ତା କରନ୍ତୁ ।


'ଧ୍ୱନି' ସହିତ ଆପଣ ପଢ଼ାଉଥିବା ଅଧିକାଂଶ ପ୍ରସଙ୍ଗରେ ଆପଣଙ୍କ ସବୁ ଶିକ୍ଷାର୍ଥୀମାନଙ୍କର କେତେକ ଧାରଣା ଥିବ । କିନ୍ତୁ ସବୁ ଶିକ୍ଷାର୍ଥୀଙ୍କର ଧାରଣାଗୁଡ଼ିକ ଏକାପ୍ରକାର ହୋଇନଥିବ ଓ ସେମାନଙ୍କ ପାଖରେ ଥିବା ଧାରଣାଗୁଡ଼ିକ ସଂପୂର୍ଣ୍ଣ ବିକଶିତ କରିବାକୁ ପଡ଼ିବ ।

ଆପଣ ଏକ ଶିକ୍ଷାଦାନ ଅଧିବେଶନର ଯୋଜନା କରିବା ସମୟରେ ହୁଏତ ଏହା ଏକ ପ୍ରୟୋଗିକ ବା ଅତ୍ୟନ୍ତ ବିଷୟଭିତ୍ତିକ ହୋଇପାରେ, ଆପଣଙ୍କ ଶିକ୍ଷାର୍ଥୀମାନେ ଯାହା ଜାଣିଛନ୍ତି ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ ଅଟେ ଫଳରେ ଆପଣ ଆପଣଙ୍କ ଶିକ୍ଷାଦାନକୁ ଅଧିକ ସିଧାସଳଖ ଭାବେ ଲକ୍ଷ୍ୟ ଆଧାରିତ କରିପାରିବେ । ସେମାନେ ଜାଣିଥିବା ଓ ବୁଝିଥିବା ବିଷୟରେ ଶିକ୍ଷାଦାନ ସମୟ ଅପଚୟ ନ କରି ସେମାନଙ୍କ ଶିକ୍ଷଣକୁ ସଂପ୍ରସାରିତ କରିବା ଦରକାର । ତେଣୁ ମାନସମନ୍ଥନ, ଏକ ପ୍ରସଙ୍ଗ ସଂପର୍କରେ ଚିନ୍ତା କରିବାକୁ ଓ ସେମାନଙ୍କ ଧାରଣାଗୁଡ଼ିକୁ ବିନିମୟ କରିବାକୁ ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ କରିବାର ଏକ ଭଲ ଉପାୟ ଅଟେ ।

ଧ୍ୱନି କିପରି ସୃଷ୍ଟି ହୁଏ ଏ ସଂପର୍କରେ ଶିକ୍ଷାର୍ଥୀମାନଙ୍କର କେଉଁଠି ଅସ୍ପଷ୍ଟ ଓ ଅଳ୍ପ ବିକଶିତ ଧାରଣାଗୁଡ଼ିକ ରହିଛି ତାହା ଧ୍ୱନି ଉପରେ ଏକ ମାନସମନ୍ଥନ ଦର୍ଶାଇଥାଏ । ଏହି ଜ୍ଞାନ ସହିତ ଆପଣ ଆପଣଙ୍କ ଶିକ୍ଷାଦାନକୁ ଅଧିକ ସିଧାସଳଖ ଭାବେ ସେମାନଙ୍କ ଶିକ୍ଷଣ ଆବଶ୍ୟକତା ଓ ସେମାନଙ୍କ ପରବର୍ତ୍ତୀ ଚିନ୍ତନକୁ ଆହ୍ୱାନମୂଳକ କରିବାରେ ସଂପୃକ୍ତ କରିପାରିବେ । ଉଦାହରଣସ୍ୱରୂପ ଆପଣ ଛୋଟ କାର୍ଯ୍ୟମାନଙ୍କର ଯୋଜନା କରିପାରନ୍ତି, ଯାହା ସେମାନଙ୍କୁ ଧ୍ୱନି ସୃଷ୍ଟି ହେବା ସମୟରେ କ'ଣ ଘଟୁଛି ଓ ସେହିପରି ଭାବରେ କାହିଁକି ଧ୍ୱନି ସୃଷ୍ଟି ହୁଏ, ବିଷୟରେ ଚିନ୍ତା କରିବାକୁ ସାହାଯ୍ୟ କରିପାରିବ ।

ସ୍ୱତନ୍ତ୍ର ଶୈକ୍ଷିକ ଆବଶ୍ୟକତା ଥିବା କେତେକ ଶିକ୍ଷାର୍ଥୀ ଅଧିକ ସହାୟତା ଆବଶ୍ୟକ କରିବେ ଓ ଛୋଟ ଛୋଟ ଅଂଶରେ ଭାଗ ହୋଇ ପରିଚାଳିତ ହେଉଥିବା କାର୍ଯ୍ୟଗୁଡ଼ିକରୁ ସେମାନେ ଉପକୃତ ହୋଇପାରିବେ ।

ଆପଣଙ୍କ ଶିକ୍ଷାର୍ଥୀମାନେ କ'ଣ ସବୁ ଜାଣିଛନ୍ତି ତାହା ଜାଣିବାରେ ମାନସମନ୍ଥନ କେବଳ ଯେ ଆପଣଙ୍କୁ ସାହାଯ୍ୟ କରେ ତାହା ନୁହେଁ, ବରଂ ପାଠଗୁଡ଼ିକରେ ଅଧିକ ସକ୍ରିୟଭାବେ ଅଂଶଗ୍ରହଣ କରିବାକୁ ସେମାନଙ୍କୁ ଉତ୍ସାହିତ କରି ଏହା ଶିକ୍ଷାର୍ଥୀମାନଙ୍କର ବିଶ୍ୱାସ ସୃଷ୍ଟି କରିପାରିବ । କେତେକ ମୁଖ୍ୟ ଉପକାରିତାଗୁଡ଼ିକ ଚିତ୍ର-୨ରେ ସଂକ୍ଷେପଣ କରାଯାଇଛି ।




ଚିତ୍ର 2 : ମାନସମନ୍ଥନର କୈନ୍ଦ୍ରିକ ଉପକାରିତା

ଶିକ୍ଷାର୍ଥୀମାନଙ୍କ ଶିକ୍ଷଣରେ ସହାୟତା ନିମିତ୍ତ ସେମାନଙ୍କ ପାଇଁ କଥା ହେବାର ଉପକାରିତା ଉପରେ ସମ୍ବଳ-୧ "ଶିକ୍ଷଣ ପାଇଁ କଥା ହେବା" ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ । ଶିକ୍ଷାର୍ଥୀମାନଙ୍କ ସହିତ କାର୍ଯ୍ୟ କରିବା ପୂର୍ବରୁ ଆପଣ ବର୍ତ୍ତମାନ ଏହାକୁ ପଢ଼ିବା ଆପଣଙ୍କ ପାଇଁ ଉପାଦେୟ ହୋଇପାରେ । ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଧାରଣାଗୁଡ଼ିକ ଓ ବୋଧଗମ୍ୟତା ବିଷୟରେ କଥା ହେବାକୁ ଉତ୍ସାହିତ କରିବା ନିମିତ୍ତ ଉପାୟଗୁଡ଼ିକୁ ଅନ୍ୱେଷଣ କରିବାରେ ଆପଣଙ୍କୁ ଏହା ସାହାଯ୍ୟ କରିବ ।

## 3 ଏକ ମାନସମନ୍ଥନରୁ ବାହାରିଥିବା ସୂଚନା ଫଳପ୍ରଦ ଭାବେ ବ୍ୟବହାର କରିବା

ମାନସମନ୍ଥନ ଜନିତ ପ୍ରତିକ୍ରିୟାଗୁଡ଼ିକୁ ଲିପିବଦ୍ଧ କରିବାର ଭିନ୍ନ ଭିନ୍ନ ଉପାୟମାନ ଅଛି । ଆପଣଙ୍କ ଶିକ୍ଷାର୍ଥୀମାନଙ୍କୁ କେଉଁ ଉପାୟରେ ସୂଚନାଗୁଡ଼ିକୁ ଲିପିବଦ୍ଧ କରିବା ପାଇଁ କହନ୍ତି ତାହା ଆପଣ କାର୍ଯ୍ୟରୁ ଆପଣଙ୍କ ଚାହିଁବା ଉପରେ ନିର୍ଭର କରିବ ।

ମାନସମନ୍ଥନ ଅଧିବେଶନର ଶେଷରେ ଶିକ୍ଷାର୍ଥୀମାନଙ୍କର ବୋଧଗମ୍ୟତା ସଂପ୍ରସାରଣର ଆରମ୍ଭ ସୂଚକ ଭାବେ ବ୍ୟବହାର କରିବା ନିମିତ୍ତ ଆପଣଙ୍କ ପାଖରେ ପର୍ଯ୍ୟାୟଭୁକ୍ତ ଉତ୍ତର ରହିବା ଉଚିତ୍ । ଆପଣ ପଢ଼ାଉଥିବା ପ୍ରସଙ୍ଗଗୁଡ଼ିକ ପାଇଁ ବାସ୍ତବ ସମ୍ଭାବନା ଥିବା କେତେକ ପ୍ରତିକ୍ରିୟା ଉପରେ ଆଲୋକପାତ କରିବାକୁ ଆପଣ ଚାହିଁପାରନ୍ତି ଓ ପରବର୍ତ୍ତୀ ସମୟକୁ ଅନ୍ୟଗୁଡ଼ିକ ଫେରାଇ ଦେଇପାରନ୍ତି କିମ୍ବା ବ୍ୟକ୍ତିଗତଭାବେ କାର୍ଯ୍ୟ କରିବାକୁ ଧାରଣାଗୁଡ଼ିକ ପସନ୍ଦ କରିବାରେ ଶିକ୍ଷାର୍ଥୀମାନଙ୍କୁ ସୁଯୋଗ ଦେବାକୁ ଆପଣ ଚାହିଁ ପାରନ୍ତି । ଯେକୌଣସି କ୍ଷେତ୍ରରେ ପରସ୍ପର ସହିତ କଥା ହୋଇ ସେମାନେ ସେମାନଙ୍କ ଚିନ୍ତନର ବିକାଶ କରୁଥିବାରୁ, ସେମାନଙ୍କ ଧାରଣାଗୁଡ଼ିକର କିପରି ବୃଦ୍ଧି ହୁଏ ତାହା ସେମାନଙ୍କୁ ଦେଖାନ୍ତୁ ।

କମ୍ପନ ଦ୍ୱାରା ଧ୍ୱନି ସୃଷ୍ଟି ହୁଏ ଦେଖାଇବାକୁ କେତେକ ସରଳ କାର୍ଯ୍ୟ ସବୁର ଯୋଜନା କରି, ବୋଧହୁଏ ଆପଣ ଆପଣଙ୍କ ପାଠକୁ ଧ୍ୱନି କିପରି ସୃଷ୍ଟି ହୁଏ ଉପରେ କେନ୍ଦ୍ରିଭୂତ କରିପାରିବେ । ରବର ବା ସୂତାକୁ ଟାଣିବା, ଡ୍ରମ୍ ଭିତରେ କେତେକ ମଞ୍ଜି ରଖିବା ଓ ହାଲୁକାଭାବେ ଡ୍ରମ୍‌ଟିକୁ ବାଡ଼େଇବା ସମୟରେ କ'ଣ ଘଟେ ଦେଖିବା, ଆଦି ସରଳ କାର୍ଯ୍ୟଗୁଡ଼ିକୁ ଏହା ସାମିଲ୍ କରିପାରିବ । ସେମାନଙ୍କ ମାନସମନ୍ଥନ ପ୍ରତି ଆପଣ ପ୍ରତିକ୍ରିୟାର ଯେଉଁ ଉପାୟରେ ପ୍ରତିକ୍ରିୟାଶୀଳ ହୁଅନ୍ତି, ତାହା ଆପଣଙ୍କ ଶିକ୍ଷଣ ଉଦ୍ଦେଶ୍ୟ ଓ ଶିକ୍ଷାର୍ଥୀମାନଙ୍କୁ ଜାଣିବା ଉପରେ ନିର୍ଭର କରିବ । କାରଣ ନିୟମିତଭାବେ ଆପଣ ଶ୍ରେଣୀରେ ଶିକ୍ଷାଦାନ କରନ୍ତି । ବ୍ୟବହାରିକ କାର୍ଯ୍ୟ ପରିଚାଳନା ପାଇଁ କେଉଁ ପ୍ରକାର ଶିକ୍ଷଣକାର୍ଯ୍ୟ ଓ ଉପାୟମାନ ବ୍ୟବହାର କରିବା ଦ୍ୱାରା ଶିକ୍ଷାର୍ଥୀମାନେ ସର୍ବୋତ୍ତମ ଲାଭ ପାଇପାରିବେ ତାହା ଆପଣ ଜାଣିବେ ।

ପରବର୍ତ୍ତୀ ପରିସ୍ଥିତି ଅନୁଧ୍ୟାନରେ ଶ୍ରୀମତୀ ମହାନ୍ତି ଶିକ୍ଷାର୍ଥୀମାନଙ୍କ ଆଗ୍ରହକୁ ଧରି ରଖିବାକୁ ଓ ଧ୍ୱନି କିପରି ସୃଷ୍ଟି ହୁଏ ଅନୁସନ୍ଧାନ କରିବାକୁ ବାଦ୍ୟଯନ୍ତ୍ରଗୁଡ଼ିକ ସେ କିପରି ବ୍ୟବହାର କରିଛନ୍ତି ତାହା ବର୍ଣ୍ଣନା କରିଛନ୍ତି । ସ୍ଥାନୀୟ ଗୋଷ୍ଠୀରେ ବାଦ୍ୟଯନ୍ତ୍ରଗୁଡ଼ିକୁ ପାଇବା ଅତି ସହଜ ଓ ଶିକ୍ଷାର୍ଥୀମାନେ ଏଗୁଡ଼ିକୁ ବିଦ୍ୟାଳୟକୁ ନେଇ ଆସି ପାରିବେ ।

## ପରିସ୍ଥିତି ଅନୁଧ୍ୟାନ-୨ : ମାନସମନ୍ଥନ କରିବାକୁ ବାଦ୍ୟଯନ୍ତ୍ର ଓ ଛୋଟଛୋଟ ଦଳ ବ୍ୟବହାର କରିବା

*ଶ୍ରୀମତୀ ମହାନ୍ତି ବଡ଼ଜେନା ସରକାରୀ ବିଦ୍ୟାଳୟରେ ଜଣେ ବିଜ୍ଞାନ ଶିକ୍ଷୟିତ୍ରୀ ଅଟନ୍ତି । ଏହି ଅନୁଷ୍ଠାନ ତାର ବାର୍ଷିକ ଉତ୍ସବ ପ୍ରସ୍ତୁତ କରୁଥାଏ । ତେଣୁ, ସେ ଏହି ସୁଯୋଗ ବ୍ୟବହାର କରି ଶିକ୍ଷାର୍ଥୀମାନଙ୍କ ପାଖରେ ପରବର୍ତ୍ତୀ ପାଠ 'ଧ୍ୱନି' ଉପସ୍ଥାପନା କରିଛନ୍ତି ।*

ଉତ୍ସବ ନିମିତ୍ତ ନାଚ ଅଭ୍ୟାସ ଚାଲୁଥିଲା ଓ ମୁଁ ମୋ ଶ୍ରେଣୀଗୃହରେ ବସି ନାଚୁଥିବା ଶିକ୍ଷାର୍ଥୀମାନଙ୍କ ପାଦର ଘୁଙ୍ଗୁର ଶବ୍ଦ ସହିତ ବାଦ୍ୟଯନ୍ତ୍ରର ଶବ୍ଦ ଶୁଣି ପାରିଲି । ପ୍ରତ୍ୟେକ ଯନ୍ତ୍ରର ଶବ୍ଦକୁ ମୁଁ ଚିହ୍ନିବାକୁ ଚେଷ୍ଟା କଲି । ବାଦ୍ୟଯନ୍ତ୍ରଗୁଡ଼ିକ ଉପରେ ଦୃଷ୍ଟି ପକାଇବାକୁ ପରବର୍ତ୍ତୀ ସମ୍ବଳରେ ମୁଁ ସଙ୍ଗୀତ କକ୍ଷକୁ ପରିଦର୍ଶନରେ ବଳି (ଚିତ୍ର-୩) । ସେଠାରେ ଢ଼ୋଲ, ତବଲା, ହାରମୋନିୟମ୍, ସୀତାର ଓ ବଂଶୀ ଏବଂ କିଛି ଘୁଙ୍ଗୁର ଥିଲା । ସେ ସବୁକୁ ମୁଁ ବଜାଇବାକୁ ଚେଷ୍ଟା କଲି । ମୁଁ ସଙ୍ଗୀତ ଶିକ୍ଷକଙ୍କୁ ସେ ସବୁକୁ ପୃଥକ୍‌ଭାବେ ବଜାଇବାକୁ କହିଲି ଓ ପ୍ରତ୍ୟେକ ବାଦ୍ୟଯନ୍ତ୍ରର ଶବ୍ଦକୁ ମୋ ମୋବାଇଲ୍ ଫୋନ୍‌ରେ ରେକର୍ଡିଂ କଲି । ମୁଁ ମଧ୍ୟ ମୁଦ୍ରା, ମାର୍ବଲ, ପଥର ଓ ସ୍ଥାନୀୟ ପକ୍ଷୀମାନଙ୍କ ଦ୍ୱାରା ସୃଷ୍ଟି ହେଉଥିବା ଧ୍ୱନିକୁ ମଧ୍ୟ ଏକ ରେକର୍ଡିଂ କଲି । ଏହି ଧ୍ୱନିକୁ ଶ୍ରେଣୀରେ ବ୍ୟବହାର କରିବାକୁ ମୁଁ ଚାହିଁଲି ଓ ଶିକ୍ଷାର୍ଥୀମାନଙ୍କୁ ଏହି ଧ୍ୱନି ସୃଷ୍ଟି କରୁଥିବା ଉପାଦାନଗୁଡ଼ିକୁ ଚିହ୍ନିବାକୁ କହିଲି ।



ଚିତ୍ର 3 ବହୁବିଧ ବାଦ୍ୟଯନ୍ତ୍ର

ପରବର୍ତ୍ତୀ ପାଠରେ ମୁଁ ଏହି ରେକର୍ଡିଂକୁ ବଜାଇଲି ଓ ଶିକ୍ଷାର୍ଥୀମାନଙ୍କୁ ପ୍ରତି ଧ୍ୱନିର ଉତ୍ସଗୁଡ଼ିକୁ ମନେ ମନେ ଚିହ୍ନଟ କରିବାକୁ କହିଲି । ପରେ ଶିକ୍ଷାର୍ଥୀମାନଙ୍କୁ ଦଳରେ କାମ କରିବାକୁ କହିଲି ଓ ସେମାନଙ୍କ ପରିବେଶ ଓ ଉତ୍ସଗୁଡ଼ିକରୁ ଶୁଣିଥିବା କେତେକ ଧ୍ୱନିକୁ ତାଲିକା କରିବାକୁ କହିଲି । (ମୁଖ୍ୟ ସମ୍ବଳ 'ଦଳଗତ କାର୍ଯ୍ୟ ବ୍ୟବହାର କରିବା' ଆପଣଙ୍କ ପାଠରେ ଦଳଗୁଡ଼ିକୁ ଯୋଜନା ଓ ପରିଚାଳନା କରିବାକୁ ଆପଣଙ୍କୁ ସାହାଯ୍ୟ କରିବ) । ମୁଁ ପ୍ରତ୍ୟେକ ଦଳକୁ 'ସାଧାରଣ ଧ୍ୱନି' ଶୀର୍ଷକ ଚାରିପଟେ ସେମାନଙ୍କ

ଉତ୍ତରଗୁଡ଼ିକ ଲେଖିବା ପାଇଁ ଖଣ୍ଡେ କାଗଜ ଦେଲି । ଯେହେତୁ ମୋ ଶ୍ରେଣୀକୁ କ୍ୱଚିତ୍ କାଗଜ ଆସୁଥିଲା ମୁଁ ବିଦ୍ୟାଳୟକୁ ଆସୁଥିବା କେତେକ ବଡ଼ ଲଫାପାର ପଛପାଖରୁ କାଗଜ ସଂଗ୍ରହ କରିଥିଲି ।

ପରେ ପ୍ରତ୍ୟେକ ଦଳକୁ ସେମାନଙ୍କ ଧାରଣାଗୁଡ଼ିକ ଶ୍ରେଣୀରେ ବିନିମୟ କରିବାକୁ କହିଲି । ସେମାନେ ଯେତେବେଳେ କହିଲେ, ମୁଁ କେତେକ ମୁଖ୍ୟ ଶବ୍ଦ ଓ ଧାରଣା ବାଛି କଳାପଟାରେ ଲେଖିଲି । ଶିକ୍ଷାର୍ଥୀମାନେ କେଉଁପ୍ରକାର ଧ୍ୱନି ଶୁଣିଥିଲେ ଓ ଏଗୁଡ଼ିକ କିପରି ସୃଷ୍ଟି ହୋଇଥିଲା ଆଦି ଶ୍ରେଣୀରେ ଆଲୋଚିତ ହୋଇଥିବା ବିଷୟକୁ ସଂକ୍ଷେପଣ କରିବାରେ ଏହା ମୋତେ ସାହାଯ୍ୟ କଲା ।

ଛୋଟ ଦଳଗୁଡ଼ିକରେ କଥା ହେବା ପାଇଁ ସୁଯୋଗ ଦେଇ ଶ୍ରୀମତୀ ମହାନ୍ତି ଶ୍ରେଣୀର ସବୁ ଶିକ୍ଷାର୍ଥୀଙ୍କୁ କହିବାକୁ ଓ ଆଲୋଚନାରେ ଭାଗ ନେବାକୁ ଅଧିକ ସୁଯୋଗ ଦେଲେ । ସମଗ୍ର ଶ୍ରେଣୀରେ କହିବାକୁ ସେମାନେ ଭୟଭୀତ ହେଉନଥିଲେ କିମ୍ବା ଅସୁବିଧାରେ ପଡୁନଥିଲେ ଓ ସେମାନଙ୍କ ଧାରଣା ଉତ୍ତମଭାବେ ପ୍ରକାଶିତ ବା ସ୍ୱଷ୍ଟ ହୋଇନଥିଲେ ମଧ୍ୟ ସେମାନେ ସେପରି ଚିନ୍ତିତ ନ ଥିଲେ । ଯେଉଁ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ସମସ୍ୟା ରହିଛି ସେମାନଙ୍କ ପାଇଁ ଏହା ଅତି ଭଲ କାରଣ ଶ୍ରେଣୀର ଅନ୍ୟ ଦଳଗୁଡ଼ିକୁ ଏହି ଶିକ୍ଷାର୍ଥୀମାନଙ୍କୁ ସାହାଯ୍ୟ ଓ ସହାୟତା କରିବାକୁ ଆପଣ କହି ପାରିବେ ।

ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ବୁଝାଇବା, ଶିକ୍ଷାର୍ଥୀମାନଙ୍କୁ ନିଜ ବୋଧଗମ୍ୟତାରେ ସ୍ୱଷ୍ଟତା ଆଣିବାକୁ ସାହାଯ୍ୟ କରେ । ସେମାନଙ୍କ ଚିନ୍ତନର ପ୍ରକାଶ ଓ ବିନିମୟ କରିବାଦ୍ୱାରା ଶିକ୍ଷାର୍ଥୀମାନେ କ୍ରମେକ୍ରମେ ଅଧିକ ଦୃଢ଼ ହୋଇପାରିବେ । ବିଭିନ୍ନ ଦକ୍ଷତାର ଶିକ୍ଷାର୍ଥୀମାନଙ୍କ ପାଇଁ ମାନସମନ୍ଥନ ଏକ ଉତ୍ତମ କାର୍ଯ୍ୟ ଅଟେ ଯେହେତୁ ଉଭୟ ମେଧାବୀ ଓ ଶିକ୍ଷଣରେ କଷ୍ଟ ଅନୁଭବ କରୁଥିବା ଶିକ୍ଷାର୍ଥୀ ବିନା ପ୍ରତିଦ୍ୱନ୍ଦିତାରେ ଏକତ୍ର କାମ କରିବାରେ ଏହା ସାହାଯ୍ୟ କରେ ।

ଭିଡ଼ିଓ : ସମସ୍ତଙ୍କୁ ସଂପୃକ୍ତ କରିବା

ଆପଣଙ୍କ ପାଖରେ ଯଦି ନିମ୍ନ ଶ୍ରେଣୀର ଶିକ୍ଷାର୍ଥୀମାନେ ଅଛନ୍ତି, ଦଳଗୁଡ଼ିକରୁ ଜଣେ ନେତୃତ୍ୱ ନେବାକୁ ସକ୍ଷମ ହେବା ଓ ଅନ୍ୟ ଜଣେ ଶିକ୍ଷାର୍ଥୀ ସେମାନଙ୍କର ଉତ୍ତରଗୁଡ଼ିକୁ  ଲେଖିବା ନିମିତ୍ତ ନିଶ୍ଚିତ କରିବା ଦରକାର । ବୟସ୍କ ଶିକ୍ଷାର୍ଥୀମାନଙ୍କ ପାଇଁ ଏହା ସେପରି ଏକ ସମସ୍ୟା ହେବ ନାହିଁ ।

କେବଳ ଦକ୍ଷତା ପରିବର୍ତ୍ତେ ଆପଣ ମଧ୍ୟ ଅନ୍ୟ ଉପାୟଗୁଡ଼ିକ ଦଳଗୁଡ଼ିକ ପାଇଁ ନିର୍ଦ୍ଧାରଣ କରିପାରନ୍ତି । ଶ୍ରେଣୀକୁ ବିଭିନ୍ନ ଭାଗରେ ବିଭକ୍ତ କରି ଆପଣ ଏହା କରିପାରନ୍ତି ଫଳରେ ଆପଣ ମିଶ୍ରିତ ଦକ୍ଷତାର ଦଳଗୁଡ଼ିକୁ ପାଇପାରିବେ । ଏହି ସବୁ ଦଳଗୁଡ଼ିକରେ ଜଣେ ଅତି ଦକ୍ଷ ଶିକ୍ଷାର୍ଥୀ ଦଳର ଧାରଣାଗୁଡ଼ିକର ଅଭିଲେଖନକାରୀ ଭାବେ କାର୍ଯ୍ୟ କରିପାରିବ କିନ୍ତୁ ଦଳରେ ପ୍ରତ୍ୟେକ ଚୂଡ଼ାନ୍ତ ମାନସ ମନ୍ଥନଗୁଡ଼ିକ ପାଇଁ ଅବଦାନ ଦେବା ନିମିତ୍ତ ସକ୍ଷମ ହେବା ଦରକାର । ଯଦି ବେଶୀ ଶିକ୍ଷାର୍ଥୀ ଥିବା ଏକ ବଡ଼ ଶ୍ରେଣୀ ହୋଇଥାଏ, ଶିକ୍ଷାର୍ଥୀମାନଙ୍କୁ ଦୂରକୁ ଯିବାକୁ ପଡୁ ନ ଥିବାରୁ ଏହା ଦଳଗତ ମାନସମନ୍ଥନ ପରିଚାଳନା କରିବାକୁ ଏକ ସର୍ବୋତ୍କୃଷ୍ଟ ଉପାୟ ହୋଇପାରେ । ଏପରିକି ସେମାନଙ୍କୁ କେବଳ ଚାରିକଡ଼ ବୁଲିବାକୁ ପଡ଼ିପାରେ । ବିକଳ୍ପଭାବେ ଆପଣ ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ଆଗ୍ରହ ଅନୁସାରେ ଦଳ ଗଠନ କରିପାରିବେ ।

ଏକ ପ୍ରସଙ୍ଗ ଅନ୍ୱେଷଣର ଅନ୍ୟ ଗୋଟିଏ ଉପାୟ ହେଉଛି ଅନ୍ୱେଷଣ ପାଇଁ ବିଭିନ୍ନ ଦିଗ ଥିବା ଏକ ପ୍ରସଙ୍ଗକୁ ପସନ୍ଦ କରିବା । ଆପଣ ପ୍ରତ୍ୟେକ ଦଳକୁ ଏକ ଭିନ୍ନ ଦିଗକୁ ଅନ୍ୱେଷଣ କରିବାକୁ କହିପାରିବେ । ଯଦି ଆପଣଙ୍କ ପ୍ରସଙ୍ଗ 'ଧ୍ୱନି' ହୋଇଥାଏ, ଆପଣ ପ୍ରତ୍ୟେକ ଦଳକୁ ଏହାର ପରିସରକୁ ଅନ୍ୱେଷଣ କରିବାକୁ କହି ପାରିବେ ଯେପରି ବାଦ୍ୟଯନ୍ତ୍ର, ଧ୍ୱନିର ପ୍ରକାର, ଧ୍ୱନି କିପରି ସୃଷ୍ଟି ହୁଏ ବା ଶବ୍ଦ ପ୍ରଦୂଷଣ ।

## ଶିକ୍ଷଣକାର୍ଯ୍ୟ-3 : ମାନସମନ୍ଥନ ପାଇଁ ଛୋଟ ଦଳଗୁଡ଼ିକୁ ବ୍ୟବହାର କରିବା

ନିମ୍ନୋକ୍ତ ଦିଗଗୁଡ଼ିକୁ ବିଚାର କରି ମାନସମନ୍ଥନ ଅଧିବେଶନର ଯୋଜନା ପାଇଁ ଆପଣ କିଛି ସମୟ ବିନିଯୋଗ କରିବାକୁ ଆବଶ୍ୟକ

କରିପାରନ୍ତି ।

- ଆପଣ କ'ଣ ମାନସମନ୍ଥନ କରିବାକୁ ଚାହାଁନ୍ତି ଏହା । ଏହା ପରେ ଆପଣଙ୍କ ଶ୍ରେଣୀକୁ କିପରି ଦଳରେ ଭାଗ କରିବେ ସ୍ଥିର କରନ୍ତୁ ।
- ଶିକ୍ଷାର୍ଥୀମାନଙ୍କୁ କ'ଣ କରିବାକୁ ହେବ, ଆପଣ କିପରି ସେମାନଙ୍କୁ କହିବାକୁ ଯାଉଛନ୍ତି ? ଶିକ୍ଷଣ କାର୍ଯ୍ୟ-୨ରେ ଥିବା ଏହି କୌଶଳର ବ୍ୟବହାରକୁ କିପରି ବିକାଶ କରିବେ, ଆପଣଙ୍କ ପାଖରେ ଥିବା ସେ ସଂପର୍କିତ ଚିନ୍ତନଗୁଡ଼ିକୁ ମଧ୍ୟ ମନେପକାନ୍ତୁ ।
- ଶିକ୍ଷାର୍ଥୀମାନେ ମାନସମନ୍ଥନ କରୁଥିବା ସମୟରେ ଶ୍ରେଣୀ ଚାରିପଟେ ବୁଲି ସେମାନେ କଥା ହେଉଥିବାର ଶୁଣନ୍ତୁ । ଯଦି ସେମାନେ ଆପଣଙ୍କର ସହାୟତା ଆବଶ୍ୟକ କରନ୍ତି, ତେବେ ସେମାନଙ୍କୁ ମାର୍ଗଦର୍ଶନ କରାନ୍ତୁ । ସେମାନଙ୍କ ପାଖରେ ଥିବା ଧାରଣାଗୁଡ଼ିକ ବିଷୟରେ କଥା ହେବା ସମୟରେ ବାଧା ଦେବାକୁ ଚେଷ୍ଟା କରନ୍ତୁ ନାହିଁ କାରଣ ଏହା ଅତି ଗୁରୁତ୍ୱପୂର୍ଣ୍ଣ ଯେ ସେମାନେ ପରସ୍ପରଠାରୁ ଶିଖିଥାଇ ପାରନ୍ତି ।
- କାର୍ଯ୍ୟଟିକୁ କରିବାକୁ ସେମାନଙ୍କୁ ସମୟ ଦିଅନ୍ତୁ ।
- ପ୍ରତ୍ୟେକ ଦଳର ମାନସମନ୍ଥନ ଆପଣ କିପରି କରିବେ ? ସେମାନଙ୍କ ଚାର୍ଟଗୁଡ଼ିକୁ ଆପଣ ପ୍ରଦର୍ଶିତ କରିବେ ଓ ପରସ୍ପରକୁ ଦେଖିବା ପାଇଁ କହିବେ ବା ଧ୍ୱନି କିପରି ସୃଷ୍ଟି ହୁଏ ଏ ସଂପର୍କରେ ସେମାନଙ୍କର ଚିନ୍ତନକୁ ବୁଝାଇବା ପାଇଁ ପ୍ରତି ଦଳରୁ ଜଣଙ୍କୁ କହିବେ ସେମାନଙ୍କ ଧାରଣାଗୁଡ଼ିକର ପରସ୍ପର ମଧ୍ୟରେ ବିନିମୟ ଦ୍ୱାର ପ୍ରତି ଦଳ କିପରି ଅଗ୍ରଗତି କରୁଛନ୍ତି ସେ ସଂପର୍କିତ ଅଧିକ ସୂଚନା ପ୍ରଦାନ କରିବ ଓ ସେମାନଙ୍କ ଧାରଣାଗୁଡ଼ିକ ଭାବେ ବୋଧଗମ୍ୟ ହୋଇଛି ବା ଅଧିକ ସରଳ କିମ୍ୱା ଗୋଳମାଳିଆ ହୋଇଛି ତାହା ଆପଣଙ୍କୁ ଦର୍ଶାଇବ । ସେମାନେ ଭଲଭାବେ ବୁଝିଛନ୍ତି ଏହା ନିଶ୍ଚିତ କରିବାକୁ ପରବର୍ତ୍ତୀ ପାଠରେ ଏହି ଧାରଣାଗୁଡ଼ିକରୁ କେତେକ ସେମାନେ ଅନ୍ୱେଷଣ କରିବେ ବୋଲି ଶିକ୍ଷାର୍ଥୀମାନଙ୍କୁ କୁହନ୍ତୁ ।



ଟିକିଏ ଚିନ୍ତା କରନ୍ତୁ

ମାନସମନ୍ଥନରୁ ସଂଗୃହିତ କରିଥିବା ଏହି ସୂଚନାଗୁଡ଼ିକ ପରବର୍ତ୍ତୀ ପାଠ ଯୋଜନା କରିବାରେ ଆପଣଙ୍କୁ କିପରି ସାହାଯ୍ୟ କରିବ ଚିନ୍ତା କରନ୍ତୁ । ଏହା ଉପରେ ନଜର ପକାନ୍ତୁ ଓ ସମାନ ଧାରଣାଗୁଡ଼ିକୁ ଏକତ୍ର ଦଳଭୁକ୍ତ କରିବାକୁ ଚେଷ୍ଟା କରନ୍ତୁ । ମୁଖ୍ୟ ସମ୍ବଳ "ପାଠଗୁଡ଼ିକର ଯୋଜନା କରିବା"କୁ ମଧ୍ୟ ଆପଣ ଦେଖି ପାରନ୍ତି ।

ଉଦାହରଣସ୍ୱରୂପ ଶ୍ରୀମତୀ ମହାପାତ୍ର ଭଳି ଧ୍ୱନି କିପରି ସୃଷ୍ଟି ହୁଏ ବିଶ୍ଳେଷଣ କରିବା ପୂର୍ବରୁ କିଛି ସରଳ କାର୍ଯ୍ୟ କରିବାକୁ ଚେଷ୍ଟା କରିବା ବା ଧ୍ୱନି ସୃଷ୍ଟି କରିବାରେ ସେମାନଙ୍କ ଅଭିଜ୍ଞତା ସଂପ୍ରସାରଣରେ ଅନୁସନ୍ଧାନ କରିବା ଆପଣ ସେମାନଙ୍କୁ ସାହାଯ୍ୟ କରିବାକୁ ଆବଶ୍ୟକ କରନ୍ତି କି ?

## 4 ଶିକ୍ଷଣ ପାଇଁ ମାନସମନ୍ଥନକୁ ବ୍ୟବହାର କରିବା

ମାନସମନ୍ଥନର ଫଳାଫଳଗୁଡ଼ିକୁ ବ୍ୟବହାର କରିବା ପାଇଁ ଅନେକ ଉପାୟ ଅଛି । ଏଗୁଡ଼ିକ ଶିକ୍ଷାର୍ଥୀଙ୍କର ଧ୍ୱନି ସଂପର୍କିତ ପ୍ରାରମ୍ଭିକ ଧାରଣାଗୁଡ଼ିକୁ ଆପଣ ଦେଖିବାର ବାଟ ବା ବିଜ୍ଞାନର ଅନ୍ୟ କୌଣସି ଏକ କ୍ଷେତ୍ରର, ଯାହା ଫଳରେ ପାଠ୍ୟପୁସ୍ତକରେ ଥିବା ଅଧିକ ବୈଜ୍ଞାନିକ ପ୍ରତ୍ୟୟଗୁଡ଼ିକୁ ସେମାନଙ୍କ ବୋଧଗମ୍ୟତା କିପରି ସଂପ୍ରସାରିତ ହୋଇପାରିବ ତାହାର ଯୋଜନା ଆପଣ କରିପାରିବେ ।

ଏକ ମାନସ ମନ୍ଥନର ଫଳାଫଳଗୁଡ଼ିକ ଶିକ୍ଷାର୍ଥୀମାନଙ୍କ ଅଗ୍ରଗତିକୁ ତଦାରଖ କରିବା ପାଇଁ ବ୍ୟବହାର କରାଯାଇ ପାରିବ- ସେମାନେ ଏହାକୁ ନିଜେ ବା ଆପଣଙ୍କ ସହିତ କରିପାରିବେ । ମାନସମନ୍ଥନ କୌତୂକିଆ, କ୍ଷିପ୍ର ଓ ଶୀଘ୍ର କରିବା ଦରକାର । ତେଣୁ ଆପଣଙ୍କ ଶ୍ରେଣୀରେ ବିଭିନ୍ନ ଦକ୍ଷତା ସଂପନ୍ନ ଶିକ୍ଷାର୍ଥୀମାନଙ୍କଠାରୁ ଯଥାର୍ଥ ସୂଚନା ସଂଗ୍ରହ କରିବାରେ ଏହା ଏକ ଭଲ ଉପାୟ ଅଟେ ।

ଏବେ ପରିସ୍ଥିତି ଅନୁଧ୍ୟାନ-୩କୁ ପଢ଼ନ୍ତୁ । ଜଣେ ଶିକ୍ଷୟିତ୍ରୀ ଗୋଟିଏ ପାଠ ଯୋଜନା କରିବାକୁ ନିଜ ଶ୍ରେଣୀର ମାନସ ମନ୍ଥନ ଫଳଗୁଡ଼ିକୁ ନେଇ କିପରି କାର୍ଯ୍ୟ କରନ୍ତି ତାହା ବର୍ଣ୍ଣନା କରାଯାଇଛି । ଏହା ଧ୍ୱନି କିପରି ସୃଷ୍ଟି ହୁଏ ସଂପର୍କିତ ସେମାନଙ୍କ ଚିନ୍ତନକୁ ସଂପ୍ରସାରିତ କରିବ । ସମ୍ବଳ-2 'ପ୍ରଗତି ଓ କାର୍ଯ୍ୟ ସଂପାଦନ ଆକଳନ କରିବା' ଶିକ୍ଷାର୍ଥୀମାନଙ୍କ ବୋଧଗମ୍ୟତା ଓ ଅଗ୍ରଗତି ସମ୍ବନ୍ଧରେ ସଂଗୃହିତ ତଥ୍ୟଗୁଡ଼ିକୁ କିପରି ବ୍ୟବହାର କରିବେ ସେ ସଂପର୍କରେ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥାଏ ।

## ପରିସ୍ଥିତି ଅନୁଧ୍ୟାନ-3 : ଏକ ଶ୍ରେଣୀର ମାନସମନ୍ଥନ ତଥ୍ୟକୁ ବ୍ୟବହାର କରିବା

*ଶ୍ରୀମତୀ ପଟ୍ଟନାୟକ ତାଙ୍କର ଶ୍ରେଣୀରେ ଧ୍ୱନି ଉପରେ ଏକ ମାନସ ମନ୍ଥନ କରିଥିଲେ ଯାହା ନିମ୍ନରେ ଦର୍ଶାଯାଇଛି । ତାଙ୍କର ପରବର୍ତ୍ତୀ ପାଠ ଯୋଜନାରେ ମାନସମନ୍ଥନ ବ୍ୟବହାର କରିବା ପୂର୍ବରୁ, କେତେକ ପ୍ରଶ୍ନ ସହ ସେ ସେମାନଙ୍କର ବୋଧଗମ୍ୟତାର ଅନୁସନ୍ଧାନ କଲେ ।*

ମୁଁ 'ଧ୍ୱନି' ଶବ୍ଦଟିକୁ କହିବା ସମୟରେ, ମୋ ଶିକ୍ଷାର୍ଥୀମାନଙ୍କ ମନକୁ ଆସୁଥିବା ସମସ୍ତ ଶବ୍ଦ ଓ ଧାରଣାଗୁଡ଼ିକୁ କହିବାକୁ ମୁଁ ସେମାନଙ୍କୁ କହିଲି । ମୁଁ ସେଗୁଡ଼ିକୁ ଅନିୟମିତଭାବରେ କଳାପଟାରେ ଲେଖିଲି । କିଛି ସମୟ ପରେ ଲେଖା ବନ୍ଦ କଲି ଓ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କ ଧାରଣାଗୁଡ଼ିକ ପାଇଁ ଧନ୍ୟବାଦ ଦେଲି । ସେମାନଙ୍କ କେତେକ ଉତ୍ତର ସଂପର୍କରେ ମୁଁ ଅଳ୍ପ କିଛି ପ୍ରଶ୍ନ ପଚାରିଲି ଫଳରେ ସେମାନେ ଯାହା କହିଛନ୍ତି ତାହା ବିଷୟରେ କ'ଣ ଜାଣିଛନ୍ତି ମୁଁ ଅନୁସନ୍ଧାନ କରିପାରିବି । ମୁଁ ଅନୁଭବ କଲି ଯେ ସେମାନଙ୍କ ଭିତରୁ ଅଧିକାଂଶ ଧ୍ୱନିର ପ୍ରକାର ସହଜରେ ବୁଝାଇ ପାରିଲେ କିନ୍ତୁ କିପରି ଧ୍ୱନି ସୃଷ୍ଟି ହୁଏ ଓ ଧ୍ୱନିରେ ଭିନ୍ନତା ସୃଷ୍ଟିର କାରଣଗୁଡ଼ିକ ବୁଝାଇବାରେ ସକ୍ଷମ ହୋଇପାରିଲେ ନାହିଁ । ଧ୍ୱନି କିପରି ସୃଷ୍ଟି ହୁଏ ଓ ଏଥିରେ କିପରି ସମତା ରକ୍ଷା କରାଯାଇ ପାରିବ ବୁଝିବାରେ ସେମାନଙ୍କୁ କିପରି ସାହାଯ୍ୟ କରି ହେବ ତାହା ଯୋଜନା କରିବାକୁ ମୁଁ ଏହି ମାନସମନ୍ଥନର ଫଳାଫଳଗୁଡ଼ିକୁ ବ୍ୟବହାର କରିବାକୁ ସ୍ଥିର କଲି ।

ପ୍ରଥମେ ଆଉ ଥରେ ମୁଁ ମାନସମନ୍ଥନକୁ ନିକଟରୁ ଦେଖିଲି ଓ ଶବ୍ଦଗୁଡ଼ିକୁ ବିଭିନ୍ନ ପରିସର ଆଧାରରେ ଦଳଭୁକ୍ତ କଲି (ଚିତ୍ର-୪)




ଚିତ୍ର-4 ଧ୍ୱନି କିପରି ସୃଷ୍ଟି ହୁଏ ଓ ଧ୍ୱନିର ପ୍ରକାର ସଂପର୍କିତ ଶ୍ରୀମତୀ ଶୁଭଲକ୍ଷ୍ମୀଙ୍କର ଶିକ୍ଷାର୍ଥୀମାନଙ୍କ ମାନସମନ୍ଥନ

ଶିକ୍ଷାର୍ଥୀମାନେ ପ୍ରଥମେ ସୂଚିତ କରିଥିବା ବାଦ୍ୟଯନ୍ତ୍ରଗୁଡ଼ିକୁ ଓ ପରେ ସେମାନେ ପରାମର୍ଶ ଦେଇଥିବା ଧ୍ୱନିର ବର୍ଣ୍ଣନା ଓ ପ୍ରକାର ସବୁକୁ ମୁଁ ତାଲିକା କଲି । ପରିଶେଷରେ ମୁଁ ଶବ୍ଦଗୁଡ଼ିକୁ ଖୋଜିଲି ଯାହାକୁ ଧ୍ୱନି କିପରି ସୃଷ୍ଟି ହୁଏ ସହିତ ସଂପର୍କିତ କରାଯାଇ ପାରିବ ।

ଏହି ତାଲିକାରେ ବଜାଇବା, ବାଡ଼େଇବା, କମ୍ପନ, କଥା ହେବା, ତୋଳିବା ଆଦି ଶବ୍ଦକୁ ରଖିଲି । ପରେ ମୁଁ ଧ୍ୱନିର ପ୍ରକାଶ ପାଇଁ ସେହିପରି କଲି । ଏହି ଉପାୟରେ ଧ୍ୱନି ସୃଷ୍ଟି କରିବା ବିଷୟରେ ଅଧିକ ବୁଝାଇବା ପାଇଁ ମୁଁ ସେମାନଙ୍କୁ କହିଲି, କିନ୍ତୁ ପ୍ରକୃତରେ କ'ଣ ଘଟିଲା ସେମାନେ ବୁଝାଇବାରେ ସକ୍ଷମ ହୋଇପାରିଲେ ନାହିଁ ।

ମୋ ଯୋଜନା ଆରମ୍ଭ କରିବାକୁ ଚାରିଗୋଟି ବାଦ୍ୟଯନ୍ତ୍ର ବ୍ୟବହାର କରିବାର ମୋର ଧାରଣା ଥିଲା ଯାହାକୁ ବାଡ଼େଇ, ବା ଫୁଙ୍କିକରି ଆପଣ ଧ୍ୱନି ସୃଷ୍ଟି କରିପାରିବେ । ଏହା ସହିତ ଖାଲି ଟିଣ, ଗୋଟିଏ ଲାଉ, କେତେକ ତାର ଓ ରବର ବ୍ୟାଣ୍ଡ ଭଳି ସାଧାରଣ ପଦାର୍ଥ ସଂଗ୍ରହ କଲି ଯାହା ଧ୍ୱନି ସୃଷ୍ଟି କରିବାରେ ବ୍ୟବହାର କରାଯାଇ ପାରିବ । ମୁଁ ଅନୁଭବ କଲି ଯେ, ଶିକ୍ଷାର୍ଥୀମାନେ ଧ୍ୱନି ସୃଷ୍ଟି କରିପାରିବେ କିନ୍ତୁ କେଉଁ କାରଣଗୁଡ଼ିକ ଧ୍ୱନି ସୃଷ୍ଟି କରେ ତାହା ଜାଣିଲେ ନାହିଁ । ତେଣୁ ମୁଁ କିଛି ଚାଉଳ ମଧ୍ୟ ନେଲି ଯାହାକୁ କମ୍ପନର ପ୍ରଦର୍ଶନ ପାଇଁ ମୁଁ ଡ୍ରମ ଉପରେ ରଖିପାରିବି ।

ମୁଁ ଏକ ପର୍ଯ୍ୟାୟଭୁକ୍ତ ଛୋଟ କାର୍ଯ୍ୟଗୁଡ଼ିକର ଯୋଜନା କଲି ଯେଉଁଥିରେ ଶିକ୍ଷାର୍ଥୀମାନେ ଯୋଡ଼ିରେ କାର୍ଯ୍ୟ କରି ଧ୍ୱନି ସୃଷ୍ଟି କରିବାର ବିଭିନ୍ନ ଉପାୟଗୁଡ଼ିକୁ ପ୍ରାକ୍ ପରୀକ୍ଷଣ କରିପାରିବେ । ସେମାନେ ଏହା କରିବା ସମୟରେ କେଉଁ କାରଣଗୁଡ଼ିକ ଧ୍ୱନି ସୃଷ୍ଟି କରେ ସେ ବିଷୟରେ ଚିନ୍ତା କରିବାକୁ ମୁଁ ସେମାନଙ୍କୁ କହିପାରିବି । ସେମାନଙ୍କ ହାତକୁ ପଦାର୍ଥ ଓ ବାଦ୍ୟଯନ୍ତ୍ର ଉପରେ ରଖିବାକୁ ମୁଁ ଉତ୍ସାହିତ କରିବି ଯାହାଫଳରେ ସେମାନେ କମ୍ପନକୁ ଅନୁଭବ କରିପାରିବେ । ଯେତେବେଳେ ସେମାନେ ସମସ୍ତେ କମ୍ପନ ସଂପର୍କରେ ଧାରଣା ହାସଲ କରିଛନ୍ତି ବୋଲି ମୁଁ ଚିନ୍ତା କରିବି, ପରେ ମୁଁ ସେମାନଙ୍କ ପାଇଁ ଧ୍ୱନି କିପରି ସୃଷ୍ଟି ହୁଏ ସଂପର୍କିତ ଏକ ରେଖାଚିତ୍ର ଆଙ୍କିବି । ମୁଁ ଶ୍ରେଣୀରେ ସମସ୍ତ ଛୋଟ ଛୋଟ କାର୍ଯ୍ୟଗୁଡ଼ିକୁ ଆୟୋଜନ କରିବି ଓ ସେମାନେ ପାଳି କରି ଜଣକ ପରେ ଜଣେ ବୁଲିପାରିବେ । ସେମାନଙ୍କୁ ସବୁ କାର୍ଯ୍ୟ କରିବାକୁ ପଡ଼ିବ ନାହିଁ କିନ୍ତୁ ଅତିକମ୍‌ରେ ଚାରି ବା ପାଞ୍ଚଟି କରିବାକୁ ହେବ ।

## ଶିକ୍ଷଣକାର୍ଯ୍ୟ-4 : ପରବର୍ତ୍ତୀ ପଦକ୍ଷେପଗୁଡ଼ିକ ପାଇଁ ଆପଣଙ୍କ ଶିକ୍ଷାର୍ଥୀମାନଙ୍କ ମାନସମନ୍ଥନ ଫଳାଫଳକୁ ବ୍ୟବହାର କରିବା

ଶ୍ରୀମତୀ ପଟ୍ଟନାୟକଙ୍କ ପରିସ୍ଥିତି ଅନୁଧ୍ୟାନ 3 ପରି ସମାନ କାର୍ଯ୍ୟ କରିବାକୁ ଚେଷ୍ଟା କରନ୍ତି ଯେଉଁଥିରେ ସେ 'ଧ୍ୱନି' କିପରି ସୃଷ୍ଟି ହୁଏ ଅନ୍ୱେଷଣ କରିଛନ୍ତି ।

- ଆପଣଙ୍କ ଶ୍ରେଣୀ ପାଇଁ ଏହିପରି ଏକ ଯୋଜନାକୁ କିପରି ଉପଯୋଗୀ କରିପାରିବେ ?
- ଧ୍ୱନି ପ୍ରସଙ୍ଗର କେଉଁ କ୍ଷେତ୍ରଗୁଡ଼ିକ ବୁଝିବାରେ ଆପଣଙ୍କ ଶିକ୍ଷାର୍ଥୀମାନେ ସହାୟତା ଆବଶ୍ୟକ କରନ୍ତି ?
- ଏଗୁଡ଼ିକ ଚିହ୍ନଟ କରିସାରିବା ପରେ, କାର୍ଯ୍ୟଗୁଡ଼ିକ ବିଷୟରେ ଚିନ୍ତା କରନ୍ତୁ ଯାହାକୁ ଶିକ୍ଷାର୍ଥୀମାନଙ୍କ ଅନୁସନ୍ଧାନରେ ସାହାଯ୍ୟ ପାଇଁ ଆପଣ କରିପାରିବେ ।
- ଧ୍ୱନି କିପରି ସୃଷ୍ଟି ହୁଏ ?
- ଯଦି ଆପଣଙ୍କର ବଡ଼ ଶ୍ରେଣୀ ଥାଏ, ଏହା ହୋଇପାରେ ଯେ ଆପଣ କମ୍ପନ ସଂପର୍କିତ କେତେକ କାର୍ଯ୍ୟ ଗୋଟିଏ ଦଳ ସହ ଏକ ସମୟରେ କରିବାବେଳେ ଶ୍ରେଣୀର ଅନ୍ୟମାନେ ପାଠ୍ୟ ପୁସ୍ତକ ଆଧାରିତ କେତେକ କାର୍ଯ୍ୟ ସେତିକିବେଳେ କରିପାରିବେ ।
- ଶିକ୍ଷଣକାର୍ଯ୍ୟଗୁଡ଼ିକୁ କରିବାକୁ ଚେଷ୍ଟା କରନ୍ତୁ ।
- ଶିକ୍ଷାର୍ଥୀମାନେ କିପରି ଉତ୍ତର ଦେଲେ ଓ ସେମାନେ ଅଭିଜ୍ଞତାରୁ କ'ଣ ଶିଖିଲେ ବୋଲି ଆପଣ ଭାବନ୍ତି ସେ ସଂପର୍କରେ କିଛି ଲେଖନ୍ତୁ ଆପଣ ଏହାକୁ କିପରି ଜାଣିଲେ ?

ଶ୍ରୀମତୀ ପଟ୍ଟନାୟକ ତାଙ୍କ ଶିକ୍ଷାର୍ଥୀମାନେ କ'ଣ ଜାଣିଲେ ଓ ସେମାନଙ୍କ ଜ୍ଞାନର କେଉଁ କ୍ଷେତ୍ରରେ ଶୂନ୍ୟତା ସୃଷ୍ଟି ହେଲା ଆଦିକୁ କିପରି ଖୋଜି ବାହାର କଲେ ତାହା ଆପଣ ଦେଖିଲେ । ସେ ସେମାନଙ୍କର ଉତ୍ତରଗୁଡ଼ିକୁ ବିଶ୍ଳେଷଣ କଲେ ଓ ଧ୍ୱନି କେଉଁ କାରଣରୁ ସୃଷ୍ଟି ହୁଏ ଉପରେ ପ୍ରଥମେ ଗୁରୁତ୍ୱ ଦେଇ ଧ୍ୱନିର ବିଭିନ୍ନ ଦିଗକୁ ଆଧାର କରି ସେଗୁଡ଼ିକୁ ବର୍ଗୀକରଣ କଲେ । ଧ୍ୱନି ପର୍ଯ୍ୟାୟକୁ ଅନୁସନ୍ଧାନ କରିବା ତାଙ୍କର ପରବର୍ତ୍ତୀ କାର୍ଯ୍ୟ ହୋଇପାରେ ଯାହା ବାଦ୍ୟଯନ୍ତ୍ର ଓ ପଦାର୍ଥଗୁଡ଼ିକ ବଜାଇବାର ଉପାୟମାନଙ୍କୁ ପରିବର୍ତ୍ତନ କରି ସୃଷ୍ଟି କରାଯାଇପାରିବ । ଶିକ୍ଷାର୍ଥୀମାନଙ୍କୁ ଧ୍ୱନି ସୃଷ୍ଟିର ବାସ୍ତବ ଅଭିଜ୍ଞତାମାନ ପ୍ରଦାନ କରିବା କମ୍ପନକୁ ଅଧିକ ଭଲଭାବରେ ବୁଝିବାରେ ସେମାନଙ୍କୁ ସାହାଯ୍ୟ କରିବ ।

ମାନସମନ୍ଥନ ଶ୍ରୀମତୀ ପଟ୍ଟନାୟକଙ୍କୁ ତାଙ୍କର ଶିକ୍ଷଣକୁ ଶିକ୍ଷାର୍ଥୀମାନଙ୍କ ଆବଶ୍ୟକତା ଅନୁସାରେ ସିଧାସଳଖ ଭାବେ ନିର୍ଦ୍ଦେଶିତ କରିବାରେ ସାହାଯ୍ୟ କରିଛି । ଏହିଭଳି ଏକ ପନ୍ଥାର ସମାନପ୍ରକାର ସକାରାତ୍ମକ ପ୍ରଭାବ ଆପଣଙ୍କ ଉପରେ ରହିବ ।

## 5 ସାରାଂଶ

ଶିକ୍ଷାର୍ଥୀମାନଙ୍କର କୌଣସି ପ୍ରସଙ୍ଗ ଉପରେ ପ୍ରାକ୍ ଧାରଣାକୁ ଜାଣିବା ପାଇଁ ଓ ସେମାନଙ୍କୁ ସକ୍ରିୟ କରିବା ଦିଗରେ ମାନସ ମନ୍ଥନ ପ୍ରକ୍ରିୟା ଉପାଦେୟ ହୋଇଥାଏ । (ମାନସମନ୍ଥନ ପ୍ରକ୍ରିୟା ପାଇଁ ଅଧିବେଶନକୁ ସଜାଇବା ଓ ପ୍ରଭାବୀ ମାନସିକ ଆଲୋଡ଼ନ ପ୍ରକ୍ରିୟା ପାଇଁ ସମ୍ବଳ 3 ଓ 4 ଦେଖନ୍ତୁ ।)

ଆପଣଙ୍କ ପର୍ଯ୍ୟବେକ୍ଷଣ ଅନୁଯାୟୀ ଶିକ୍ଷଣରେ ମାନସମନ୍ଥନ ପ୍ରକ୍ରିୟାରେ ଯଥେଷ୍ଟ ଗୁରୁତ୍ୱ ରହିଥାଏ । ଏହା ମାଧ୍ୟମରେ ଶିକ୍ଷାର୍ଥୀମାନେ ଧାରଣା, ଅନୁଭୂତି ଓ ମତ ଆଦାନ ପ୍ରଦାନରେ ସକ୍ରିୟ ଅଂଶଗ୍ରହଣ କରି ବିଷୟଟି ଉପରେ ଶିଖିବା ପାଇଁ ଉତ୍ସାହିତ ହୋଇଥାନ୍ତି । ତା ସହିତ ଏହା ସେମାନଙ୍କ ପାଖରେ ଥିବା ସାଂପ୍ରତିକ ଧାରଣା ଉପରେ ସଠିକ୍ ସୂଚନା ଦେଇପାରେ ଯାହାକି 'ଧ୍ୱନି' କିମ୍ବା ବିଜ୍ଞାନର ଅନ୍ୟ କୌଣସି ପ୍ରସଙ୍ଗ ଉପରେ ଯଥା-ବିଦ୍ୟୁତ୍, ଜଳ ଏବଂ ଆଲୋକ ଉପରେ ଆପଣ ଶିକ୍ଷଣର ପରବର୍ତ୍ତୀ ସୋପାନକୁ ନେଇ ଯୋଜନା କରିପାରିବେ । ପ୍ରସଙ୍ଗଟିକୁ ବୁଝାଇବା ପାଇଁ କେଉଁ ଶିକ୍ଷାର୍ଥୀର କେଉଁ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଅଧିକ ସାହାଯ୍ୟର ଆବଶ୍ୟକତା ରହୁଅଛି, ତାହା ଆପଣ ଏହି ମାନସମନ୍ଥନ ପ୍ରକ୍ରିୟା ସାହାଯ୍ୟରେ ଜାଣି ପାରିବେ ।

ଶିକ୍ଷାର୍ଥୀମାନଙ୍କ ପାଖରେ ଥିବା ଧାରଣାକୁ ଜାଣିବାରେ ଆପଣ ନିଜ ଶିକ୍ଷାଦାନରେ କିପରି ଉନ୍ନତି ଆଣିପାରିବେ, ତାହା ମନେ ପକାଇଦେବା ପାଇଁ ଆପଣ ସମ୍ବଳ-3 "ଅଗ୍ରଗତି ଓ କାର୍ଯ୍ୟ କରିବା ଢ଼ଙ୍ଗର ଆକଳନ' କୁ ଆଉଥରେ ଦେଖିବା ପାଇଁ ଇଚ୍ଛା କରିବେ ।

## ସମ୍ବଳ

### ସମ୍ବଳ-1 ଶିଖିବା ପାଇଁ କଥା କହିବା

### ଶିଖିବା ପାଇଁ କଥା କହିବା କାହିଁକି ଗୁରୁତ୍ୱପୂର୍ଣ୍ଣ

କଥାବାର୍ତ୍ତା ହେବା ମାନବିକ ବିକାଶର ଏକ ଅଙ୍ଗ, ଯାହାକି ଆମକୁ, ଚିନ୍ତାକରିବା ପାଇଁ, ଶିଖିବା ପାଇଁ ଓ ପୃଥିବୀ ସଂପର୍କରେ ଜାଣିବା ପାଇଁ ସାହାଯ୍ୟ କରିଥାଏ । ଲୋକମାନେ ଭାଷାକୁ ବିଚାରଶକ୍ତି, ଜ୍ଞାନ ଓ ବୋଧଶକ୍ତିର ବିକାଶ ପାଇଁ ଏକ ମାଧ୍ୟମ ଭାବରେ ବ୍ୟବହାର କରିଥାନ୍ତି । ତେଣୁ ଶିକ୍ଷଣ ଅନୁଭୂତିର ଏକ ଅଙ୍ଗ ଭାବରେ ଶିକ୍ଷାର୍ଥୀମାନଙ୍କୁ କଥାବାର୍ତ୍ତା କରିବା ପାଇଁ ଉତ୍ସାହିତ କରିବା ଅର୍ଥ ସେମାନଙ୍କର ଶିକ୍ଷାଗତ ଅଗ୍ରଗତିର ବିକାଶ ହୋଇ ପାରିବ ।

କଥାବାର୍ତ୍ତା ଦ୍ୱରା ଧାରଣା ପାଇବା ଅର୍ଥ :

- ଅନ୍ୱେଷଣ କରାଯାଇଥିବା ଧାରଣା
- ସୁସଂଗଠିତ ଓ ଉନ୍ନତ ବିଚାର ଶକ୍ତିର ବିକାଶ
- ତାହା ଦ୍ୱାରା ଶିକ୍ଷାର୍ଥୀମାନେ ଅଧିକ ଶିଖନ୍ତି ।

ପୁନରାବୃତ୍ତି ଠାରୁ ଆରମ୍ଭ କରି ଉଚ୍ଚ ସ୍ତରର ଆଲୋଚନା ପର୍ଯ୍ୟନ୍ତ ଶ୍ରେଣୀରେ ଶିକ୍ଷାର୍ଥୀମାନଙ୍କ ମଧ୍ୟରେ କଥାବାର୍ତ୍ତା କରାଇବା ପାଇଁ ବିଭିନ୍ନ ପ୍ରକାରର ଉପାୟ ଅବଲମ୍ବନ କରାଯାଇପାରେ ।

ସାଧାରଣତଃ ଶିକ୍ଷାର୍ଥୀମାନଙ୍କର କହିବା ବା ତାଙ୍କର ଧାରଣା ଅପେକ୍ଷା ଶିକ୍ଷକ କ'ଣ କହୁଛନ୍ତି, ତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ଯାହା ହେଉ ଶିକ୍ଷଣ ପାଇଁ କଥାବାର୍ତ୍ତାକୁ ଏକ ମାଧ୍ୟମ କରିବାକୁ ହେଲେ ଏଠାରେ ଯୋଜନା ହେବା ଦରକାର ଯାହାଦ୍ୱାରା ଶିକ୍ଷାର୍ଥୀମାନେ ଅଧିକ କହିବା ପାଇଁ ତଥା ଶିଖିବା ପାଇଁ ସୁଯୋଗ ପାଇବେ ଓ ତା ସହିତ ସେମାନେ ନିଜର ମତକୁ ପୂର୍ବଜ୍ଞାନ ସହିତ ସଂପର୍କିତ କରିପାରୁଥିବେ ।

ଏହା ଶିକ୍ଷକ ଓ ଶିକ୍ଷାର୍ଥୀ ମଧ୍ୟରେ ଚାଲୁଥିବା ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମଠାରୁ ମଧ୍ୟ ଅଧିକ ଅର୍ଥପୂର୍ଣ୍ଣ ହୋଇଥାଏ, କାରଣ ଏଠାରେ ଶିକ୍ଷାର୍ଥୀର ନିଜ ଭାଷା, ଧାରଣା, ବିଚାରଶକ୍ତି ଓ ଆଗ୍ରହକୁ ଅଧିକ ଗୁରୁତ୍ୱ ଦେଇଥାଏ । ଆମ ଭିତରକୁ ଅଧିକାଂଶ କୌଣସି ଜଟିଳ ବିଷୟ ସଂପର୍କରେ ବା କିଛି ପାଇବା ପାଇଁ ଅନ୍ୟ ସାଙ୍ଗରେ କଥା ହୋଇଥାଉ, ତେଣୁ ଏହି ଗୁଣକୁ ବିଚାରକୁ ନେଇ ଶିକ୍ଷକ ଉନ୍ନତମାନର ଶିକ୍ଷଣ କାର୍ଯ୍ୟ ପାଇଁ ଯୋଜନା କରିବେ ।

## ଶ୍ରେଣୀରେ ଶିକ୍ଷଣକାର୍ଯ୍ୟ ପାଇଁ କଥୋପକଥନ ଯୋଜନା କରିବା

କଥୋପକଥନ ଶିକ୍ଷଣକାର୍ଯ୍ୟକୁ ଆଧାରକରି ଶିକ୍ଷଣକାର୍ଯ୍ୟ ଯୋଜନା କରିବା କେବଳ ସାକ୍ଷରତା ବା ଶବ୍ଦ ଭଣ୍ଡାରର ବିକାଶ ପାଇଁ ଉଦ୍ଦିଷ୍ଟ ହୋଇ ନ ପାରେ, ଏହା ମଧ୍ୟ ଅଙ୍କ, ବିଜ୍ଞାନ ଓ ଅନ୍ୟାନ୍ୟ ବିଷୟର ଯୋଜନାର ଅଂଶ ଅଟେ । ଏହା ବିଭିନ୍ନ ପ୍ରକାରର କାର୍ଯ୍ୟ ଯଥା ପୂରା ଶ୍ରେଣୀ ପାଇଁ, ଯୋଡ଼ି କିମ୍ବା ଦଳରେ, ଶ୍ରେଣୀ ବାହାରେ କାର୍ଯ୍ୟ, ଅଭିନୟ ଆଧାରିତ କାର୍ଯ୍ୟ, ଲିଖନ, ପଠନ, ପ୍ରକୃତ ଅନୁସନ୍ଧାନ ଓ ସୃଜନାତ୍ମକ କାର୍ଯ୍ୟ ଇତ୍ୟାଦି ସମସ୍ତ ପ୍ରକାରର କାର୍ଯ୍ୟ ପାଇଁ ଏହା ଯୋଜନା କରିହେବ ।

କାର୍ଯ୍ୟଟିକୁ ଆମେ ପୂର୍ବଜ୍ଞାନକୁ ଆଧାରିତ କରି ସଜେଇବା ସହିତ ଏହାକୁ ଆନନ୍ଦଦାୟକ କରିପାରିଲେ ସାମାନ୍ୟ ଶିକ୍ଷଣ ଓ ଗଣନା ଦକ୍ଷତା ଥିବା ଅଳ୍ପ ବୟସର ଶିକ୍ଷାର୍ଥୀମାନେ ମଧ୍ୟ ଉଚ୍ଚସ୍ତରୀୟ ଚିନ୍ତାଶକ୍ତି ଓ ଦକ୍ଷତା ପ୍ରତିପାଦନ କରିପାରିଥାନ୍ତି । ଉଦାହରଣସ୍ୱରୂପ ଶିକ୍ଷାର୍ଥୀମାନେ ଫଟୋ, ଚିତ୍ର ତଥା ପ୍ରକୃତ ବସ୍ତୁକୁ ଦେଖି ଗୋଟିଏ ଗପ, ଗୋଟିଏ ପଶୁ ବା ଗୋଟିଏ ଆକୃତି ସଂପର୍କରେ ଅନୁମାନ କରି କହି ପାରନ୍ତି । ଶିକ୍ଷାର୍ଥୀମାନେ କୌଣସି କଣ୍ଢେଇ ବା ଚରିତ୍ର ଅଭିନୟ କୁ ନେଇ ବାସ୍ତବ ସମସ୍ୟାର ସମାଧାନ କରି ପାରନ୍ତି ।

ଶିକ୍ଷାର୍ଥୀମାନେ କ'ଣ ଶିଖିବେ ବା ଚିନ୍ତା କରିବେ ଓ ସେମାନଙ୍କର କେଉଁ ପ୍ରକାରର କଥୋପକଥନର ବିକାଶ ହେବ, ଏହି ଉଦ୍ଦେଶ୍ୟକୁ ନେଇ ଆପଣ ପାଠଟିକୁ ଯୋଜନା କରିବେ । କିଛି କଥୋପକଥନ ଅନୁସନ୍ଧାନମୂଳକ ହୋଇପାରେ ଯଥା "ଏହା ପରେ କ'ଣ ହୋଇ ପାରେ ?" ଆପଣ ଏହା ପୂର୍ବରୁ ଦେଖିଛନ୍ତି କି ? ଏହା କ'ଣ ହୋଇପାରେ ? କିମ୍ବା ତୁମେ କାହିଁକି ଏହା ହିଁ ବୋଲି ଭାବୁଛ ?" ଆଉ କିଛି କଥୋପକଥନ ଅଧିକ ବିଶ୍ଳେଷଣାତ୍ମକ ହୋଇପାରେ ଯଥା କିଛି ଧାରଣା, ତଥ୍ୟ ବା ପ୍ରସ୍ତାବ ମଧ୍ୟରେ ତୁଳନା କରିବା ।

କଥୋପକଥନଟିକୁ ଆଗ୍ରହାତ୍ମକ, ଆନନ୍ଦଦାୟକ ଓ ସମସ୍ତଙ୍କର ଅଂଶଗ୍ରହଣ ସମ୍ଭବ ହୋଇପାରିଲା ଭଳି କରିବା ପାଇଁ ଚେଷ୍ଟା କରନ୍ତୁ । ଶିକ୍ଷାର୍ଥୀମାନେ ନିଜର ମତକୁ, ମନରେ ସୃଷ୍ଟି ହେଉଥିବା ନୂଆଧାରଣାକୁ କାହାର ସମାଲୋଚନା ବିନା, ଓ ଭୁଲ୍ ହୋଇଯିବାର ଭୟ ନ ଥାଇ ନିର୍ଭୟରେ ପ୍ରକାଶ କରିପାରିବେ ବୋଲି ଆଶ୍ୱସ୍ତ ହେବା ଆବଶ୍ୟକ ।

## ଶିକ୍ଷାର୍ଥୀମାନଙ୍କର କଥୋପକଥନକୁ ଉପରେ ପର୍ଯ୍ୟବେକ୍ଷିତ ।

ଶିକ୍ଷଣ ପାଇଁ କଥୋପକଥନରେ ଶିକ୍ଷକ ପାଇଁ ରହିଥିବା ସୁଯୋଗ :

- ଶିକ୍ଷାର୍ଥୀମାନେ ଦେଉଥିବା ମତକୁ ଶୁଣନ୍ତୁ ।
- ଶିକ୍ଷାର୍ଥୀଙ୍କ ଧାରଣାର ଗଠନରେ ସାହାଯ୍ୟ କରନ୍ତୁ ତଥା ଏହାକୁ ପ୍ରଶଂସା କରନ୍ତୁ ।
- ଶିକ୍ଷର୍ଥୀମାନଙ୍କୁ ଏହିପରି ତାଙ୍କର ଧାରଣାକୁ ଆଗେଇନେବା ପାଇଁ ଉତ୍ସାହିତ କରନ୍ତୁ ।

ପ୍ରତ୍ୟେକଟି ଉତ୍ତରକୁ ଲେଖିବାର ବା ଆକଳନ କରିବାର ଆବଶ୍ୟକତା ନ ଥାଏ, କାରଣ କଥୋପକଥନ ମାଧ୍ୟମରେ ସୃଷ୍ଟି ହେଉଥିବା ଧାରଣା ଶିକ୍ଷଣର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା । ସେମାନଙ୍କର ଶିକ୍ଷଣକୁ ଅର୍ଥପୂର୍ଣ୍ଣ କରିବା ପାଇଁ ସେମାନଙ୍କର ଅନୁଭୂତି ଓ ଧାରଣାର ଯଥାସମ୍ଭବ ବ୍ୟବହାର କରନ୍ତୁ । ସବୁଠାରୁ ଭଲ ଶିକ୍ଷାର୍ଥୀର ଧାରଣା ଅନ୍ୱେଷଣମୂଳକ ହୋଇଥାଏ ଅର୍ଥାତ୍ ଜଣେ ଶିକ୍ଷାର୍ଥୀ ଅନ୍ୟ ଜଣଙ୍କର ଧାରଣାକୁ ଆହ୍ୱାନ କରେ ତଥା ଅନ୍ୱେଷଣ କରିଥାଏ, ଯାହା ଫଳରେ କି ନିଜର ଉତ୍ତର ଉପରେ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ିଥାଏ । ଯିଏ ଯେମିତି ଉତ୍ତର ଦେଉ ପଛେ ଦଳରେ ପରସ୍ପର ମଧ୍ୟରେ ଆଲୋଚନା ପାଇଁ ଉତ୍ସାହିତ କରାଯିବା ଉଚିତ୍ । ପୁରା ଶ୍ରେଣୀରେ ଅନୁସନ୍ଧାନମୂଳକ ପ୍ରଶ୍ନ ଯଥା 'କାହିଁକି ?' 'ତୁମେ କିପରି ଜାଣିଲ ?' କିମ୍ବା "ତୁମେ ଏହି ସମାଧାନରେ କିଛି ଅସୁବିଧା ଦେଖୁଛ କି ? – ଏହିଭଳି ପ୍ରଶ୍ନ ପଚାରି ଆପଣ ସେମାନଙ୍କୁ ଆହ୍ୱାନମୂଳକ ଚିନ୍ତନ ପାଇଁ ପ୍ରବର୍ତ୍ତାଇ ପାରିବେ ।

ଶ୍ରେଣୀରେ ଆପଣ ପ୍ରତିଦଳ ନିକଟକୁ ଯାଇପାରିବେ, ସେମାନେ ଦେଉଥିବା ମତାମତକୁ ଶୁଣିପାରିବେ ଓ ଏହିଭଳି ପ୍ରଶ୍ନପଚାରି ସେମାନଙ୍କର ଚିନ୍ତନକୁ ଆଗେଇ ନେଇ ପାରିବେ ।

ଶିକ୍ଷାର୍ଥୀମାନଙ୍କର ଧାରଣା ଓ ଅନୁଭୂତିକୁ ଗୁରତ୍ୱ ଦେଇ ପ୍ରଶଂସା କଲେ ସେମାନେ ଉତ୍ସାହିତ ହୋଇଥାନ୍ତି, ମତ ଦେବା, ମନଦେଇ ଅନ୍ୟମାନଙ୍କୁ ଶୁଣିବା, ପରସ୍ପର ମଧ୍ୟରେ ପ୍ରଶ୍ନ ପଚାରି ଓ ଶିକ୍ଷଣରେ ବାଧା ସୃଷ୍ଟି ନ କରିବା ଭଳି ବ୍ୟବହାର ପାଇଁ ଶିକ୍ଷାର୍ଥୀମାନଙ୍କୁ ପ୍ରଶଂସା କରନ୍ତୁ । ଶ୍ରେଣୀରେ ପଛୁଆ ଶିକ୍ଷାର୍ଥୀମାନଙ୍କୁ ଚିହ୍ନଟ କରନ୍ତୁ ଓ ସେମାନଙ୍କର ଅଂଶଗ୍ରହଣରେ ନିଶ୍ଚିତ କରିବା ପାଇଁ ଉପାୟ କରନ୍ତୁ । ସମସ୍ତଙ୍କର ସ୍ୱତଃସ୍ଫୂର୍ତ୍ତ ଅଂଶଗ୍ରହଣକୁ ନିଶ୍ଚିତ କରିବା ପାଇଁ ବ୍ୟବସ୍ଥାକୁ ସଜାଡ଼ିବା ଦିଗରେ ଆପଣଙ୍କୁ କିଛି ସମୟ ଲାଗିପାରେ ।

## ଶିକ୍ଷାର୍ଥୀମାନଙ୍କୁ ପରସ୍ପରକୁ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରନ୍ତୁ

ଶ୍ରେଣୀର ପରିବେଶକୁ ଏଭଳି ସଜାଡନ୍ତୁ ଯେଉଁଠାରେ ଆହ୍ୱାନମୂଳକ ପ୍ରଶ୍ନ ପଚାରିବା ପାଇଁ ସୁଯୋଗ ଥିବ ଓ ଶିକ୍ଷାର୍ଥୀମାନଙ୍କର ଧାରଣାକୁ ସମ୍ମାନ ଓ ପ୍ରଶଂସା କରାଯାଉଥିବ । କୌଣସି ପ୍ରକାରର ଆଶଙ୍କା ଥିଲେ ବା ସେମାନଙ୍କର ମତକୁ ଗୁରୁତ୍ୱ ଦିଆଯାଉନଥିଲେ ଶିକ୍ଷାର୍ଥୀମାନେ ପ୍ରଶ୍ନ ପଚାରିବାକୁ ଭୟ କରିଥାନ୍ତି । ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରିବା ଦ୍ୱାରା ସେମାନଙ୍କର କୌତୂହଳ ସୃଷ୍ଟି ହୋଇଥାଏ ଓ ଶିଖୁଥିବା ଧାରଣାଗୁଡ଼ିକୁ ବିଭିନ୍ନ ଦିଗରୁ ଚିନ୍ତା କରିବା ପାଇଁ କହିବା ଦ୍ୱାରା ସେମାନଙ୍କର ବୁଝାମଣାର ସ୍ତର ଜଣାପଡ଼ିଥାଏ ।

ନିୟମିତଭାବରେ ଆପଣ ଦଳଗତ କାର୍ଯ୍ୟ କିମ୍ବା ଯୋଡ଼ି କାର୍ଯ୍ୟ କିମ୍ବା "ପ୍ରଶ୍ନୋତ୍ତର ଅଧିବେଶନ" ର ଯୋଜନା କରିପାରିବେ ଫଳରେ ପଚାରି ମତାମତ ଲୋଡ଼ି ପାରିବେ । ଆପଣ-

- ପଢ଼ା ଯାଉଥିବା ପ୍ରସଙ୍ଗର କିଛି ଅଂଶକୁ ନେଇ କାହାର କିଛି "ପ୍ରଶ୍ନ ଥିଲେ ହାତ ଟେକିବା" ପାଇଁ କୁହନ୍ତୁ ।
- ଜଣକୁ ଗୋଟିଏ ନିର୍ଦ୍ଦିଷ୍ଟ ଚରିତ୍ରର ଭୂମିକାରେ ଅବସ୍ଥାପିତ କରି ଅନ୍ୟ ଶିକ୍ଷାର୍ଥୀମାନଙ୍କୁ ପ୍ରଶ୍ନ ପଚାରିବା ପାଇଁ ଉତ୍ସାହିତ କରନ୍ତୁ, ଉଦାହରଣ ସ୍ୱରୂପ – ପିଥାଗୋରାସ୍, ମୀରବାଇ ଆଦି ।
- ଯୋଡ଼ିରେ ବା ଦଳରେ "ଆଉ କିଛି ମୋତେ କୁହ" ଖେଳର ଆୟୋଜନ କରନ୍ତୁ ।
- ମୌଳିକ ଜ୍ଞାନର ଅନୁସନ୍ଧାନ ପାଇଁ ଅଭ୍ୟାସ ନିମନ୍ତେ ଶିକ୍ଷାର୍ଥୀମାନଙ୍କୁ କିଏ / କଣ / କେଉଁଠାରେ / କେତେବେଳେ / କାହିଁକି କୁ ନେଇ ଶିକ୍ଷାର୍ଥୀମାନଙ୍କୁ ଗୋଟିଏ ପ୍ରଶ୍ନତାଲିକା ଦିଅନ୍ତୁ ।
- ଶିକ୍ଷାର୍ଥୀମାନଙ୍କୁ କିଛି ତଥ୍ୟ ଦିଅନ୍ତୁ (ଯଥା ବିଶ୍ୱତଥ୍ୟ ଭଣ୍ଡାରରୁ ମିଳିଥିବା ତଥ୍ୟ ଉଦାହରଣ ସ୍ୱରୂପ ସଂପୂର୍ଣ୍ଣ ଭାବେ ଶିକ୍ଷାପାଉଥିବା ଶିକ୍ଷାର୍ଥୀମାନଙ୍କର ଶତକଡ଼ା ହାର କିମ୍ବା ବିଭିନ୍ନ ଦେଶରେ ସ୍ତନ୍ୟପାନ କରୁଥିବା ପିଲାମାନଙ୍କ ସଂଖ୍ୟାର ହାର) ଓ ତଥ୍ୟ ସଂପର୍କିତ ପ୍ରଶ୍ନ ପଚାରିବା ପାଇଁ କୁହନ୍ତୁ ।
- "ଏ ସପ୍ତାହର ପ୍ରଶ୍ନ", ଏହିଭଳି ପ୍ରଶ୍ନଗୁଡ଼ିକୁ ତାଲିକାଭୁକ୍ତ କରିବା ପାଇଁ ଗୋଟିଏ ପ୍ରଶ୍ନ ପ୍ରାଚୀରର ବ୍ୟବସ୍ଥା କରନ୍ତୁ ।

ଯେତେବେଳେ ଶିକ୍ଷାର୍ଥୀମାନଙ୍କ ପାଇଁ ମୁକ୍ତଭାବରେ ପ୍ରଶ୍ନ ପଚାରିବା ଓ ଉତ୍ତର ଦେବା ପାଇଁ ସୁଯୋଗଥାଏ ସେତେବେଳେ ସେମାନଙ୍କର ଆଗ୍ରହ ଓ ଚିନ୍ତନ ଶକ୍ତିର ସ୍ତରକୁ ଜାଣିଲେ ଆପଣ ନିଶ୍ଚିତ ଭାବରେ ଆଶ୍ଚର୍ଯ୍ୟ ହେବେ । ଶିକ୍ଷାର୍ଥୀମାନେ ସ୍ପଷ୍ଟ ଓ ସଠିକ୍‌ଭାବରେ ଭାବ ବିନିମୟ କରିବା ପାଇଁ ଶିଖିବା ଦ୍ୱାରା ସେମାନଙ୍କର ମୌଖିକ ଓ ଲିଖିତ ଶବ୍ଦଭଣ୍ଡାରର ବୃଦ୍ଧି ହେବା ସହିତ ନୂତନ ଧାରଣା ଓ କୌଶଳର ମଧ୍ୟ ବିକାଶ ହୋଇଥାଏ ।

## ସମ୍ବଳ-2 ଅଗ୍ରଗତି ଓ କାର୍ଯ୍ୟ କରିବା ଢ଼ଙ୍ଗର ଆକଳନ

ଶିକ୍ଷାର୍ଥୀମାନଙ୍କର ଶିକ୍ଷଣକୁ ଆକଳନ କରିବାର ଦୁଇଟି ଉଦ୍ଦେଶ୍ୟ ଥାଏ :

- ସମାପ୍ତି ସୂଚକ ଆକଳନ ଶିକ୍ଷାର୍ଥୀମାନେ କ'ଣ ଶିଖିସାରିଛନ୍ତି ତା'କୁ ଜାଣିବା ପାଇଁ ସମାପ୍ତିସୂଚକ ଆକଳନ କରାଯାଇଥାଏ । ଏହା ମୁଖ୍ୟତଃ ପରୀକ୍ଷା ଆକାରରେ କରାଯାଇଥାଏ ଓ ଶିକ୍ଷାର୍ଥୀମାନଙ୍କର ଉପଲବ୍ଧି ସ୍ତରକୁ ଗ୍ରେଡ୍ ଆକାରରେ ସୂଚାଇ ଦିଆଯାଇଥାଏ । ଏହି ଉପାୟରେ ଫଳାଫଳକୁ ପ୍ରକାଶ କରିବା ପାଇଁ ମଧ୍ୟ ସହଜ ହୋଇଥାଏ ।
- ଗଠନମୂଳକ ଆକଳନ (ବା ଶିକ୍ଷଣ ପାଇଁ ଆକଳନ) ଅନୌପଚାରିକ ଓ ନିଦାନମୂଳକ ହୋଇଥିବାରୁ ଏହା ସଂପୂର୍ଣ୍ଣ ଭାବେ ପୃଥକ୍ ଅଟେ, ଶିକ୍ଷକ ଏହାକୁ ଶିକ୍ଷଣ ପ୍ରକ୍ରିୟାର ଏକ ଅଙ୍ଗ ଭାବରେ ବ୍ୟବହାର କରିଥାନ୍ତି, ଯଥା ଶିକ୍ଷାର୍ଥୀମାନେ କେତେଦୂର

ବୁଝିଲେ ଜାଣିବା ପାଇଁ ପ୍ରଶ୍ନ ପଚାରିବା । ସମୀକ୍ଷା କରିବା ଓ ମତାମତ ଜାଣିବା ଗଠନମୂଳକ ଆକଳନର ଅଂଶବିଶେଷ ଅଟନ୍ତି ।

ଗଠନ ମୂଳକ ଆକଳନ ଶିକ୍ଷଣର ଅଭିବୃଦ୍ଧି କରିଥାଏ, କାରଣ ଅଧିକାଂଶ ଶିକ୍ଷାର୍ଥୀ ଶିଖିବା ପାଇଁ ନିଶ୍ଚିତଭାବରେ:


- ଶିକ୍ଷଣରେ କ'ଣ ଶିଖିବାକୁ ଅଛି, ତାକୁ ବୁଝିଥା'ନ୍ତି
- ଶିକ୍ଷଣରେ ନିଜର ସାଂପ୍ରତିକ ସ୍ତରକୁ ଜାଣିବେ
- କିପରି ଅଗ୍ରଗତି ହୋଇପାରିବ, ତାହା ବୁଝିବେ (ଅର୍ଥାତ୍ କ'ଣ ପଢ଼ିବେ ଓ କିପରି ପଢ଼ିବେ)
- ଲକ୍ଷ୍ୟ ସ୍ଥଳରେ କେବେ ପହଞ୍ଚିପାରୁଛନ୍ତି ଓ ପ୍ରତ୍ୟାଶିତ ଫଳାଫଳ ସେମାନେ ଜାଣିବେ ।

ଆପଣ ଯଦି ପ୍ରତି ପାଠରେ ଉପର ଦର୍ଶିତ ଚାରୋଟି ଦିଗପ୍ରତି ଦୃଷ୍ଟି ଦେବେ ତା ହେଲେ ଶିକ୍ଷକ ଭାବରେ ଶିକ୍ଷାର୍ଥୀମାନଙ୍କର ଉତ୍କର୍ଷତା ଆଣି ପାରିବେ । ତେଣୁ ଆକଳନ - ଶିକ୍ଷାଦେବା ପୂର୍ବରୁ, ଶିକ୍ଷା ଦେଉଥିବା ସମୟରେ ଓ ଶିକ୍ଷା ଦେବା ପରେ କରାଯାଇ ପାରିବ ।

- **ପୂର୍ବରୁ :** ଶିକ୍ଷାର୍ଥୀମାନେ କ'ଣ ଜାଣିଛନ୍ତି ଓ କଣ କରିପାରିବେ, ଏହା ଜାଣିବା ପାଇଁ ଆପଣଙ୍କୁ ଶିକ୍ଷାଦେବା ପୂର୍ବରୁ ଆକଳନ ସାହାଯ୍ୟ କରିଥାଏ । ଶିକ୍ଷଣକୁ ନେଇ ଯୋଜନା କରିବା ପାଇଁ ଏହା ଆପଣଙ୍କୁ ଭିତ୍ତିଭୂମି ଓ ପ୍ରାରମ୍ଭିକ ଦିଗଟିଏ ଯୋଗାଇ ଦିଏ । ଶିକ୍ଷାର୍ଥୀମାନେ ଯେଉଁଥିରେ ଦକ୍ଷତା ହାସଲ କରିସାରିଛନ୍ତି ତାକୁ ପୁନର୍ବାର ଶିକ୍ଷା ଦେବା ବା ଏଭଳି କିଛି ଛାଡ଼ି ଦେବା ଯାହାକି ସେମାନେ ଜାଣିବା ଓ ବୁଝିବା ଦରକାର - ଏ ସମସ୍ତ ସମ୍ଭାବନା ସେମାନଙ୍କୁ ଭଲଭାବରେ ବୁଝିବା ଦ୍ୱାରା ହିଁ ହ୍ରାସ ପାଇଥାଏ ।
- **ଶିକ୍ଷା ଦେବା ସମୟରେ:** ଶ୍ରେଣୀରେ ଶିକ୍ଷାଦେବା ସମୟରେ ଆକଳନ କରିବା ଅର୍ଥ ସେମାନେ ଶିଖୁଛନ୍ତି ନା ନାହିଁ ବା ସେମାନଙ୍କର ଉନ୍ନତି ହେଉଛି ନା ନାହିଁ- ଏ ସବୁ ସଂପର୍କରେ ଜାଣିବା । ଏହା ଆପଣଙ୍କର ଶିକ୍ଷଣ ପଦ୍ଧତି, ସମ୍ବଳ ଓ ଶିକ୍ଷଣକାର୍ଯ୍ୟକୁ ସେହି ଅନୁଯାୟୀ ସଜାଡ଼ିବାରେ ସାହଯ୍ୟ କରିବ । ଶିକ୍ଷାର୍ଥୀମାନଙ୍କର ଅଗ୍ରଗତି କିପରି ହେଉଅଛି ଓ ଶିକ୍ଷଣ ଉଦ୍ଦେଶ୍ୟକୁ ହାସଲ କରିବା ପାଇଁ ଶିକ୍ଷାଦାନ କେତେଦୂର ସହାୟକ ହେଉଅଛି, ଏସବୁକୁ ବୁଝିବା ପାଇଁ ଏହା ଆପଣଙ୍କୁ ସାହାଯ୍ୟ କରିବ ।
- **ଶିକ୍ଷା ଦେବା ପରେ:** ଶିକ୍ଷା ଦେବା ପରେ ଆକଳନ କରିବା ଦ୍ୱାରା ଶିକ୍ଷାର୍ଥୀମାନେ କ'ଣ ଶିଖିଲେ, କେଉଁମାନେ ଶିଖିଲେ ଓ କେଉଁମାନଙ୍କ ପାଇଁ ପୁନର୍ବାର ସାହାଯ୍ୟର ଆବଶ୍ୟକତା ରହୁଛି - ଇତ୍ୟାଦି ସମସ୍ତ ବିଷୟ ସୁନିଶ୍ଚିତ କରାଯାଇପାରିବ । ଏଥିରୁ ଆପଣ ନିଜର ଶିକ୍ଷଣ ଉଦ୍ଦେଶ୍ୟର ସଫଳତା ସଂପର୍କରେ ଜାଣିପାରିବେ ।

## ପୂର୍ବରୁ : ଶିକ୍ଷାର୍ଥୀମାନେ କ'ଣ ଶିଖିବେ ସେ ଦିଗରେ ସ୍ୱଚ୍ଛ ହେବା ପାଇଁ

ଶିକ୍ଷାର୍ଥୀମାନେ ଗୋଟିଏ ପାଠରୁ ବା କ୍ରମରେ କେତେଗୁଡ଼ିଏ ପାଠରୁ କ'ଣ ଜାଣିବେ ସ୍ଥିର କଲା ପରେ ଶିକ୍ଷାର୍ଥୀମାନଙ୍କ ସହ ଏ ସଂପର୍କରେ ଆଲୋଚନା କରିବା ଆବଶ୍ୟକ । ଶିକ୍ଷାର୍ଥୀମାନେ କ'ଣ ଶିଖିବେ ବୋଲି ଆଶା ରଖୁଛନ୍ତି ଓ ଆପଣ ସେମାନଙ୍କୁ କ'ଣ କରିବାକୁ କହୁଛନ୍ତି, ଏ ଦୁଇଟିକୁ ଯତ୍ନର ସହିତ ଅଲଗା କରନ୍ତୁ । ସେମାନେ ପ୍ରକୃତରେ ବୁଝିଲେ କି ନାହିଁ, ମୁକ୍ତ ଉତ୍ତରମୂଳକ ପ୍ରଶ୍ନ ସାହାଯ୍ୟରେ ଆକଳନ କରିହେବ ।



ଶିକ୍ଷାର୍ଥୀମାନଙ୍କୁ ଉତ୍ତର ଦେବା ଚିନ୍ତା କରିବା ପାଇଁ କିଛି ସମୟ ଦିଅନ୍ତୁ କିମ୍ବା ନିଜ ଉତ୍ତରକୁ ନେଇ ଅନ୍ୟ କାହା ସହିତ ବା ଦଳରେ ଆଲୋଚନା କରିବା ପାଇଁ କୁହନ୍ତୁ । ସେମାନେ ଦେଇଥିବା ଉତ୍ତରରୁ ଆପଣ ଜାଣିପାରିବେ ଯେ ସେମାନେ ଯାହା ଶିଖିବେ ସେ କଥା ବୁଝିଛନ୍ତି କି ନାହିଁ ।

## ପୂର୍ବରୁ : ଶିକ୍ଷଣ ଦୃଷ୍ଟିରୁ ଶିକ୍ଷାର୍ଥୀମାନଙ୍କର ଅବସ୍ଥିତି ଜାଣିବା ପାଇଁ

ଶିକ୍ଷାର୍ଥୀମାନଙ୍କର ଅଗ୍ରଗତି ଦୃଷ୍ଟିରୁ ସାଂପ୍ରତିକ ସ୍ତରକୁ ନେଇ ତାଙ୍କର ରହୁଥିବା ଧାରଣା ଓ ତାକୁ ନେଇ ବୁଝାମଣା ସଂପର୍କରେ ଉଭୟ ଆପଣ ଓ ସେମାନେ ଅବଗତ ହେବା ଆବଶ୍ୟକ । ଥରେ ଶିକ୍ଷଣର ପ୍ରତ୍ୟାଶିତ ଫଳାଫଳ ବା ଉଦ୍ଦେଶ୍ୟକୁ ସେମାନଙ୍କ ସହିତ ଆଲୋଚନା କରିସାରିବା ପରେ ଆପଣ ନିମ୍ନଲିଖିତ ଦିଗଗୁଡ଼ିକ ପ୍ରତି ଦୃଷ୍ଟି ଦେଇପାରିବେ ।

- ପ୍ରସଙ୍ଗଟିର ବିଷୟବସ୍ତୁକୁ ନେଇ ସେମାନେ କେତେ ଦୂର ଅବଗତ ହୋଇପାରିଛନ୍ତି, ଯାହାକୁ ନେଇ ସେମାନଙ୍କୁ ଯୋଡ଼ିରେ ବିଭକ୍ତ ହୋଇ ମାନସିକ ସ୍ତରରେ ଚିନ୍ତା କରି ଧାରଣାର ତାଲିକା ପ୍ରସ୍ତୁତ କରିବା ପାଇଁ କୁହନ୍ତୁ । ଏଥିପାଇଁ ଆପଣ ଯଥେଷ୍ଟ ସମୟ ଦେବେ ମାତ୍ର ସେମାନଙ୍କ ପାଇଁ ନୁହେଁ, ଯେଉଁମାନଙ୍କର ଧାରଣା ଖୁବ୍ କମ୍ ସେମାନେ କରିଥିବା ମାନସ ଚିତ୍ର ବା ପ୍ରସ୍ତୁତ ତାଲିକାକୁ ଆପଣ ପର୍ଯ୍ୟାଲୋଚନା କରିବା ଉଚିତ୍ ।
- ମୁଖ୍ୟ ବିଷୟବସ୍ତୁଗୁଡ଼ିକୁ କଳାପଟାରେ ଲେଖନ୍ତୁ ଓ ଯେଉଁମାନେ ଆଗ୍ରହୀ ସେମାନେ ଏ ବିଷୟରେ ଯାହା କିଛି ଜାଣିଛନ୍ତି, କହିବା ପାଇଁ ସୂଚନା ଦିଅନ୍ତୁ । ଶ୍ରେଣୀରେ ଅନ୍ୟ ସମସ୍ତଙ୍କ ମଧ୍ୟରେ ଯେଉଁ ଶିକ୍ଷାର୍ଥୀମାନେ ଶବ୍ଦଟିକୁ ବୁଝିପାରୁଛନ୍ତି ସେମାନଙ୍କୁ ବୁଢ଼ା ଆଙ୍ଗୁଠିକୁ ଉପରକୁ, ଅଳ୍ପ ବା ଆଦୌ ବୁଝି ନ ଥିଲେ ଆଙ୍ଗୁଠିକୁ ତଳକୁ ଓ କିଛି ଅଂଶ ବୁଝିଥିଲେ ଆଙ୍ଗୁଠିକୁ ଭୂମି ସହିତ ସମାନ୍ତରାଳ ଭାବେ ରଖିବାକୁ କୁହନ୍ତୁ ।

ଆପଣ କେଉଁଠାରୁ କାର୍ଯ୍ୟ ଆରମ୍ଭ କରାଯିବ ଜାଣିଗଲା ପରେ, ଶିକ୍ଷାର୍ଥୀଙ୍କ ପାଇଁ ପ୍ରାସଙ୍ଗିକ ଓ ଗଠନମୂଳକ ଯୋଜନା ପ୍ରସ୍ତୁତ କରିବା ପାଇଁ ଆପଣ ସକ୍ଷମ ହେବେ । ଶିକ୍ଷାର୍ଥୀମାନେ କେତେ ଭଲ ଭାବରେ ଶିଖିପାରୁଛନ୍ତି ସେ ବିଷୟରେ ନିଜେ ଜାଣିବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ, ଯାହାକି ଉଭୟ ଆପଣ ଓ ଶିକ୍ଷାର୍ଥୀମାନେ, ଏହା ପରେ କ'ଣ ଶିଖିବା ଉଚିତ୍ ତାହା ଜାଣିପାରିବେ । ଶିକ୍ଷାର୍ଥୀମାନଙ୍କୁ ଆଜୀବନ ଶିକ୍ଷାର୍ଥୀଭାବେ ଗଢ଼ି ତୋଳିବାକୁ ହେଲେ, ନଜେ କଣ ଶିଖିବେ ସେ ଦାୟିତ୍ୱ ସେମାନଙ୍କୁ ହିଁ ଦେବା ପାଇଁ ବ୍ୟବସ୍ଥା ହେବା ଦରକାର ।

## ଶିକ୍ଷଣ ସମୟରେ : ଶିକ୍ଷାର୍ଥୀମାନଙ୍କର ଶିକ୍ଷଣର ଅଗ୍ରଗତିକୁ ନିଶ୍ଚିତ କରିବା

ଶିକ୍ଷାର୍ଥୀମାନଙ୍କ ସହିତ ସେମାନଙ୍କର ବର୍ତ୍ତମାନର ଅଗ୍ରଗତି ସଂପର୍କରେ ଆଲୋଚନା କରିବା ସମୟରେ ଯେପରି ଏହା ତାଙ୍କ ପାଇଁ ଉପାଦେୟ ଓ ଗଠନମୂଳକ ହେବ, ସେ କଥା ନିଶ୍ଚିତ କରନ୍ତୁ ।
ଏହା ନିମ୍ନଲିଖିତ ଉପାୟରେ କରନ୍ତୁ;

- ଶିକ୍ଷାର୍ଥୀମାନଙ୍କୁ ସେମାନଙ୍କର ନିଜର ସାମର୍ଥ୍ୟ ଜାଣିବା ପାଇଁ ଓ ଆଉ ଅଧିକ ଅଗ୍ରଗତି କିପରି କରିପାରିବେ, ସେ ଦିଗରେ ସାହାଯ୍ୟ କରନ୍ତୁ ।
- କେଉଁ କ୍ଷେତ୍ରରେ ସେମାନଙ୍କର ଅଧିକ ଉନ୍ନତିର ଆବଶ୍ୟକତା ଅଛି, ସ୍ପଷ୍ଟ କରନ୍ତୁ ।
- ଶିକ୍ଷଣରେ ସେମାନେ କିପରି ନିଜର ଉନ୍ନତି କରିପାରିବେ ଆଣିପାରିବେ ସେ ଦିଗରେ ସକାରାତ୍ମକ ଭାବେ ଚିନ୍ତାକରନ୍ତୁ । ପରୀକ୍ଷା କରନ୍ତୁ ସେମାନେ ବୁଝିଛନ୍ତି କି ନାହିଁ ଓ ଆପଣଙ୍କ ପରାମର୍ଶରୁ ଉପକାର ପାଉଛନ୍ତି ବା ନାହିଁ ଏହା ସେମାନଙ୍କୁ ଅନୁଭବ କରାନ୍ତୁ ।

ଶିକ୍ଷାର୍ଥୀମାନଙ୍କର ଶିକ୍ଷଣରେ ଅଗ୍ରଗତି ପାଇଁ ଆପଣ ସୁଯୋଗ ସୃଷ୍ଟି କରିବା ଦରକାର । ଏଥିପାଇଁ ଆପଣଙ୍କୁ ଶିକ୍ଷାର୍ଥୀମାନଙ୍କର ଶିକ୍ଷଣରେ ବର୍ତ୍ତମାନ ଅବସ୍ଥିତି ଓ ଉଦ୍ଦିଷ୍ଟ ଲକ୍ଷ୍ୟ ସ୍ଥଳ ମଧ୍ୟରେ ରହିଥିବା ବ୍ୟବଧାନକୁ ସୀମିତ କରିବା ପାଇଁ ପାଠ୍ୟ ଯୋଜନାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ । ଏହା କରିବା ପାଇଁ ଆପଣଙ୍କୁ ନିମ୍ନଲିଖିତ ଦିଗପ୍ରତି ଦୃଷ୍ଟି ଦେବାକୁ ପଡ଼ିବ :

- ସେମାନେ ପୂର୍ବରୁ ଯେଉଁ କାର୍ଯ୍ୟଗୁଡ଼ିକ ଜାଣିଛନ୍ତି ବୋଲି ଆପଣ ଭାବୁଛନ୍ତି, ସେହି କାର୍ଯ୍ୟ କରାନ୍ତୁ ।
- ଶିକ୍ଷାର୍ଥୀମାନଙ୍କର ଆବଶ୍ୟକତା ଦୃଷ୍ଟିରୁ ଦଳଗଠନ କରନ୍ତୁ ଓ ଭିନ୍ନ ଭିନ୍ନ କାର୍ଯ୍ୟ ଦିଅନ୍ତୁ ।
- "ନିଜ ଭିତରେ ରହୁଥିବା ଧାରଣାଗତ ବ୍ୟବଧାନ"କୁ ଦୂର କରିବା ପାଇଁ ଉପଲବ୍ଧ ଥିବା ସମସ୍ତ ପ୍ରକାରର ଶିକ୍ଷଣ ସମ୍ବଳ ମଧ୍ୟରୁ କେଉଁ ସମ୍ବଳଗୁଡ଼ିକ ସେମାନଙ୍କର ଦରକାର, ସେ ଦିଗରେ ନିଜେ ହିଁ ନିଷ୍ପତ୍ତି ନେବା ପାଇଁ ସେମାନଙ୍କୁ ଉତ୍ସାହିତ କରନ୍ତୁ ।
- ଅଳ୍ପ ପରିଶ୍ରମରେ ଅଧିକ ମାନସମନ୍ୱନ ହୋଇ ପାରିଲା ଭଳି କାର୍ଯ୍ୟ ଦିଅନ୍ତୁ, ଯାହା ଫଳରେ ପ୍ରତ୍ୟେକ ଶିକ୍ଷାର୍ଥୀର ଅଗ୍ରଗତି ହୋଇପାରିବ, ଏଗୁଡ଼ିକ ଏପରି କାର୍ଯ୍ୟ ଯେଉଁଥିରେ ସବୁ ସ୍ତରର ଶିକ୍ଷାର୍ଥୀ ଅଂଶଗ୍ରହଣ କରିପାରିବେ ଓ ନିଜର ଦକ୍ଷତା ଅନୁଯାୟୀ ବିନା ବାଧାରେ ଆଗେଇପାରିବେ ଓ ଶିଖିପାରିବେ ।

ଅଧିକାଂଶ ସମୟରେ ଧୀରେ ଧୀରେ ବେଗରେ ପାଠଟିକୁ ପଢ଼ାଇବା ଦ୍ୱାରା ଶିକ୍ଷଣର ବେଗ ଅଧିକ ହୋଇଥାଏ କାରଣ କ'ଣ କଲେ ଶିକ୍ଷାର୍ଥୀମାନଙ୍କର, ଉନ୍ନତି ହେବ ସେ ଦିଗରେ ବିଶ୍ଳେଷଣ କରେ ଜାଣିବା ପାଇଁ ଯଥେଷ୍ଟ ସମୟ ମିଳିଥାଏ ତଥା ଆତ୍ମବିଶ୍ୱାସ ବଢ଼ିଥାଏ । ଶିକ୍ଷାର୍ଥୀମାନେ ପରସ୍ପର ମଧ୍ୟରେ ନିଜ କାର୍ଯ୍ୟକୁ ନେଇ ଆଲୋଚନା କଲେ କେଉଁଠାରେ ଅସୁବିଧା ରହୁଅଛି, ସେଥିପାଇଁ ବ୍ୟବସ୍ଥା କରିପାରିବେ ଓ ଆପଣ ସେମାନଙ୍କୁ ଆକଳନ କରିବା ପାଇଁ ସୁଯୋଗ ଦେଇଥା'ନ୍ତି ।

## ଶିକ୍ଷା ଦେବା ପରେ : ତଥ୍ୟକୁ ସଂଗ୍ରହ ଓ ବାଖ୍ୟାକରି ଆଗକୁ ଯୋଜନା କରିବା

ଶ୍ରେଣୀରେ କାର୍ଯ୍ୟ କରିବା ସମୟରେ ହିଁ ଶିକ୍ଷଣ ହୋଇଥାଏ ପରେ ଶ୍ରେଣୀ କାର୍ଯ୍ୟ ଓ ଗୃହ କାର୍ଯ୍ୟର ବ୍ୟବସ୍ଥା କରିବା ପାଇଁ ଆପଣ ନିମ୍ନଲିଖିତ ଦିଗ ପ୍ରତି ଧ୍ୟାନ ଦେବେ:

- ଶିକ୍ଷାର୍ଥୀମାନେ କେତେ ଭଲଭାବରେ କରିପାରୁଛନ୍ତି ତାକୁ ଆପଣ ଦେଖନ୍ତୁ,
- ଏହାକୁ ଆଧାର କରି ପରବର୍ତ୍ତୀ ପାଠ ପାଇଁ ଯୋଜନା କରନ୍ତୁ,
- ଶିକ୍ଷାର୍ଥୀମାନଙ୍କୁ ଏ ଦିଗରେ ଅବଗତ କରାନ୍ତୁ ।

ଆକଳନର ୪ଟି ଦିଗ ନିମ୍ନରେ ଆଲୋଚନା କରାଯାଇଛି ।

### ତଥ୍ୟ ସଂଗ୍ରହ ବା ପ୍ରମାଣ

ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ କ୍ଷମତା ଭିନ୍ନ ଥାଏ, ଏହା ଉଭୟ ଶ୍ରେଣୀଭିତରେ ଓ ବାହାରେ ତାଙ୍କ ନିଜ ବେଗ ଅନୁଯାୟୀ ଶିକ୍ଷଣ ହୋଇଥାଏ । ତେଣୁ ଶିକ୍ଷାର୍ଥୀମାନଙ୍କୁ ଆକଳନ କରିବା ବେଳେ ଦୁଇଟି ଦିଗପ୍ରତି ଦୃଷ୍ଟି ଦେବେ;

- ନିଜ ଅନୁଭୂତିକୁ ନେଇ, ନିଜ ଶିକ୍ଷାର୍ଥୀ, ଅନ୍ୟ ଶିକ୍ଷାର୍ଥୀ, ଶିକ୍ଷକ, ପିତାମାତା ଓ ଗୋଷ୍ଠୀ ଏହିପରି ବିଭିନ୍ନ ସୂତ୍ରରୁ ତଥ୍ୟଗୁଡ଼ିକୁ ସଂଗ୍ରହ କରନ୍ତୁ ।
- ଶିକ୍ଷାର୍ଥୀମାନଙ୍କୁ ବ୍ୟକ୍ତିଗତ ଭାବରେ, ଦୁଇଜଣ ମଧ୍ୟରେ କିମ୍ବା ଦଳରେ ଆକଳନ କରନ୍ତୁ ଓ ନିଜେ ନିଜକୁ ଆକଳନ ପାଇଁ ଉତ୍ସାହିତ କରନ୍ତୁ । ଆକଳନ ପାଇଁ ବିଭିନ୍ନ ମାଧ୍ୟମର ଆବଶ୍ୟକତା ପଡ଼ିଥାଏ କାରଣ କୌଣସି ଗୋଟିଏ ମାଧ୍ୟମର ପ୍ରତ୍ୟାଶିତ ସମସ୍ତ ତଥ୍ୟ ମିଳି ନଥାଏ । ଶିକ୍ଷାର୍ଥୀମାନଙ୍କର ଶିକ୍ଷଣ ଓ ଏହାର ଅଗ୍ରଗତି ସଂପର୍କରେ ତଥ୍ୟ ସଂଗ୍ରହ ପାଇଁ ବିଭିନ୍ନ ମାଧ୍ୟମଗୁଡ଼ିକ ଯଥାକ୍ରମେ ପର୍ଯ୍ୟବେକ୍ଷଣ, ଶୁଣିବା, କୌଣସି ପ୍ରସଙ୍ଗ ବା ବିଷୟବସ୍ତୁକୁ ନେଇ ସେମାନଙ୍କ ସହିତ ଆଲୋଚନା କରିବା ଓ ଶ୍ରେଣୀ ତଥା ଗୃହକାର୍ଯ୍ୟର ସମୀକ୍ଷା କରିବା ।

## ଲିପିବଦ୍ଧ କରିବା (ରେକଡ଼ିଂ)

ଭାରତ ବର୍ଷରେ ସମସ୍ତ ବିଦ୍ୟାଳୟରେ ସାଧାରଣତଃ ବାର୍ଷିକ ପ୍ରଗତି ପତ୍ର ଜରିଆରେ ତଥ୍ୟକୁ ଲିପିବଦ୍ଧ କରାଯାଇଥାଏ । ମାତ୍ର ଶିକ୍ଷାର୍ଥୀର ଶିକ୍ଷଣର ସମସ୍ତ ଦିଗ ଓ ବ୍ୟବହାର ଏଥିରେ ଲିପିବଦ୍ଧ କରି ହୋଇନଥାଏ । ଆପଣ ଏ ଦିଗରେ କିଛି ସରଳ ଉପାୟକୁ ବିଚାରକୁ ନେଇ ପାରିବେ । ଯଥା :

- ଶିକ୍ଷଣ ଚାଲିଥିବା ସମୟରେ ଆପଣଙ୍କ ପର୍ଯ୍ୟବେକ୍ଷଣକୁ ଡ଼ାଏରୀ/ ନୋଟବୁକ୍/ ରେଜିଷ୍ଟରରେ ଲିପିବଦ୍ଧ କରନ୍ତୁ ।
- ଶିକ୍ଷାର୍ଥୀମାନଙ୍କର କିଛି ନମୁନା କାର୍ଯ୍ୟକୁ (ଲିଖିତ, କଳା, ହସ୍ତଶିଳ୍ପ, ପ୍ରକଳ୍ପ, ପଦ୍ୟ, ଆଦି) ବ୍ୟକ୍ତିଗତ ଫର୍ଦ୍ଦରେ ରଖନ୍ତୁ ।
- ପ୍ରତ୍ୟେକ ଶିକ୍ଷାର୍ଥୀର ବ୍ୟକ୍ତିଗତ ସୂଚନା ଫର୍ଦ୍ଦ ପ୍ରସ୍ତୁତ କରନ୍ତୁ ।
- ଶିକ୍ଷାର୍ଥୀର କୌଣସି ଅସାଧାରଣ ଘଟଣା, ପରିବର୍ତ୍ତନ, ସମସ୍ୟା, ସାମର୍ଥ୍ୟ ବା ପାଣ୍ଡିତ୍ୟ ଥିଲେ, ଲେଖି ରଖନ୍ତୁ ।

### ତଥ୍ୟର ବ୍ୟାଖ୍ୟା

ତଥ୍ୟ ଓ ସୂଚନାଗୁଡ଼ିକୁ ସଂଗ୍ରହ କରି ଲେଖି ସାରିବା ପରେ ଏ ସମସ୍ତଙ୍କୁ ବ୍ୟାଖ୍ୟାକରି ପ୍ରତ୍ୟେକ ଶିକ୍ଷାର୍ଥୀର ଶିକ୍ଷଣ ଓ ତା'ର ଅଗ୍ରଗତିକୁ ବୁଝିବାର ଆବଶ୍ୟକତା ଅଛି । ଏଥିପାଇଁ ଯତ୍ନର ସହିତ ଚିନ୍ତା ଓ ବିଶ୍ଳେଷଣ କରିବା ଦରକାର । ଆପଣ ଶିକ୍ଷାର୍ଥୀଙ୍କ ଫଳାଫଳକୁ ପ୍ରତିପୁଷ୍ଟି ନୂତନ ସମ୍ବଳକୁ ସଂଗ୍ରହ, ଦଳକୁ ପୁନଃ ଗଠନ, ଶିକ୍ଷଣର ମୁଖ୍ୟାଂଶକୁ ପୁନରାବୃତ୍ତି କରାଇ ଶିକ୍ଷଣର ଉନ୍ନତି କରାଇ ପାରିବେ ।

### ଉନ୍ନତି ପାଇଁ ଯୋଜନା

ଆକଳନ ଆପଣଙ୍କୁ ନିର୍ଦ୍ଦିଷ୍ଟ ଓ ଶିକ୍ଷାର୍ଥୀଙ୍କ ସ୍ତରକୁ ନେଇ ଶିକ୍ଷଣ କାର୍ଯ୍ୟର ବ୍ୟବସ୍ଥା ମାଧ୍ୟମରେ, କେଉଁ କ୍ଷେତ୍ରରେ ବିଶେଷ ଦୃଷ୍ଟିର ଆବଶ୍ୟକତା ବା ଆଗୁଆ ରହୁଥିବା ଶିକ୍ଷାର୍ଥୀମାନଙ୍କ ପାଇଁ ଆହ୍ୱାନମୂଳକ ପରିସ୍ଥିତି ସୃଷ୍ଟିକରି, ପ୍ରତ୍ୟେକ ଶିକ୍ଷାର୍ଥୀ ପାଇଁ ଗୋଟିଏ ଅର୍ଥପୂର୍ଣ୍ଣ ଶିକ୍ଷଣ ପରିସ୍ଥିତି ଯୋଗାଇଦେବାରେ ସାହାଯ୍ୟ କରିବ ।

## ସମ୍ବଳ-3 : ମାନସମନ୍ଥନ ଅଧିବେଶନର ଆୟୋଜନ

### ମାନସମନ୍ଥନ କ'ଣ ?

ମାନସମନ୍ଥନ ପ୍ରକ୍ରିୟା ଗୋଟିଏ ଦଳଗତ ଶିକ୍ଷଣ କାର୍ଯ୍ୟ, ଯେଉଁଥିରେ ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ବା ସମସ୍ୟା ଉପରେ ଯଥା ସମ୍ଭବ ଧାରଣା ସୃଷ୍ଟି ହେବା ସହିତ ସମସ୍ୟାର ସର୍ବୋତ୍ତମ ସମାଧାନ ମଧ୍ୟ ମିଳିଥାଏ । ଦଳ ସମ୍ମୁଖରେ ଥିବା ବିଷୟ ବା ସମସ୍ୟାଟି ପାଇଁ ସମାଧାନର ସୁତ୍ର ପାଇଁ ନୂଆ ନୂଆ ଧାରଣାର ଚିନ୍ତାକରିବା ଓ ସୃଜନାତ୍ମକ ଚିନ୍ତନର ଆବଶ୍ୟକତା ପଡ଼ିଥାଏ । ମାନସମନ୍ଥନ ପ୍ରକ୍ରିୟା ଶିକ୍ଷାର୍ଥୀମାନଙ୍କୁ ନିମ୍ନଲିଖିତ ଦିଗରେ ସାହାଯ୍ୟ କରିଥାଏ ।

- ନୂଆ ପ୍ରସଙ୍ଗଟିକୁ ବୁଝିବା ପାଇଁ,
- ସମସ୍ୟାର ସମାଧାନ ନିମନ୍ତେ ବିଭିନ୍ନ ଉପାୟର ନିର୍ଦ୍ଧାରଣ ପାଇଁ,
- ନୂଆ ଧାରଣା ଦ୍ୱାରା ଉତ୍ସାହିତ ହେବା ପାଇଁ,
- ସିଦ୍ଧାନ୍ତରେ ପହଞ୍ଚି ଥିବା ଶିକ୍ଷଣକାର୍ଯ୍ୟ ରେ ଅନ୍ତର୍ଭୁକ୍ତ ଅନୁଭବ କରିବା ପାଇଁ

### ମାନସମନ୍ଥନ ପାଇଁ ଅଧିବେଶନରେ ବ୍ୟବସ୍ଥା କିପରି କରାଯିବ

କୌଣସି ଏକ ଅଧିବେଶନ ଆରମ୍ଭ କରିବା ପୂର୍ବର ନିର୍ଦ୍ଦିଷ୍ଟ ପ୍ରସଙ୍ଗ ବା ସମସ୍ୟାକୁ ଚିହ୍ନଟ କରିବା ଆବଶ୍ୟକ । ଦଳର ଶିକ୍ଷାର୍ଥୀମାନଙ୍କ ଠାରୁ 'ଶକ୍ତି' ପରି ସରଳ ଶବ୍ଦର ଉତ୍ତର ପାଇବା ଠାରୁ ଆରମ୍ଭ କରି ବିଦ୍ୟାଳୟ ପରିବେଶର କିପରି ଉନ୍ନତିକରଣ କରାଯାଇ ପାରିବା ପର୍ଯ୍ୟନ୍ତ କାର୍ଯ୍ୟଟି ଲମ୍ବିଥାଏ । ଗୋଟିଏ ଉନ୍ନତମାନର ମାନସମନ୍ଥନ ପାଇଁ ଏଭଳି ଗୋଟିଏ ଶବ୍ଦ ପ୍ରଶ୍ନ ବା ସମସ୍ୟାଟିଏ ବାଛିବା ଆବଶ୍ୟକ ଯାହା ଉପରେ ଦଳମଧ୍ୟରୁ ନିଶ୍ଚିତ ଭାବରେ କିଛି ଉତ୍ତର ଆସିବ । ବଡ଼ ଶ୍ରେଣୀରେ ବିଭିନ୍ନ ଦଳ ପାଇଁ ବିଭିନ୍ନ ପ୍ରକାରର ପ୍ରଶ୍ନ ହୋଇପାରେ । ଦଳଗଠନ ମଧ୍ୟ ଲିଙ୍ଗ ଓ ଦକ୍ଷତା ଆଧାରରେ ଯଥାସମ୍ଭବ ଭିନ୍ନ ପ୍ରକାରର ହେବା ଉଚିତ୍ ।

ଛଅ ଜଣରୁ ଆଠ ଜଣ ଶିକ୍ଷାର୍ଥୀ ବିଶିଷ୍ଟ ଦଳପାଇଁ ସମସ୍ତେ ଦେଖିପାରିବା ଭଳି ଗୋଟିଏ ବଡ଼ କାଗଜ ଫର୍ଦ୍ଦ ରହିଥିବା ଦରକାର । ଅଧିବେଶନ ଚାଲୁଥିବା ସମୟରେ ଦଳମାନଙ୍କ ଦ୍ୱାରା ଉପସ୍ଥାପିତ ଧାରଣାଗୁଡ଼ିକୁ ଲିପିବଦ୍ଧ କରିବା ଦରକାର ଯାହା ଫଳରେ କି ସମସ୍ତେ

ଧାରଣାଗୁଡ଼ିକୁ ଜାଣିବା ସହିତ ନୂଆନୂଆ କଥା ଚିନ୍ତାକରି ଏହା ସହିତ ଯୋଗ କରିପାରିବେ । ପ୍ରତ୍ୟେକଟି ଧାରଣା, ସତ୍ୟତା ଥାଉକି ନଥାଉ ଲିପିବଦ୍ଧ ହେବା ଆବଶ୍ୟକ । ଅଧିବେଶନ ଆରମ୍ଭ ପୂର୍ବରୁ ନିମ୍ନଲିଖିତ ନିୟମଗୁଡ଼ିକୁ ସୃଷ୍ଟି କରାଯିବ :

- ଦଳରେ ପ୍ରତ୍ୟେକ ନିଶ୍ଚିତଭାବେ ଅଂଶଗ୍ରହଣ କରିବେ ।
- କୌଣସି ଜଣେ ଶିକ୍ଷାର୍ଥୀ ଅନ୍ୟ କାହାର ମତାମତ ବା ପ୍ରସ୍ତାବକୁ ସମାଲୋଚନା କରିପାରିବ ନାହିଁ ।
- ଉଲ୍ଲେଖଯୋଗ୍ୟ ଓ ଅଭିନବ ଧାରଣାଗୁଡ଼ିକୁ ସ୍ୱାଗତ କରାଯିବ ।
- ବିଭିନ୍ନ ପ୍ରକାରର ଓ ଅଧିକରୁ ଅଧିକ ଧାରଣାର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଏ ।
- ସମସ୍ତେ କ୍ଷିପ୍ର ଗତିରେ କାର୍ଯ୍ୟ କରିବା ଦରକାର । ମାନସ ମନ୍ଥନ ପ୍ରକ୍ରିୟା ଗୋଟିଏ ଦ୍ରୁତ ଓ ପ୍ରଖର ଶିକ୍ଷଣ କାର୍ଯ୍ୟ ।

### ଅଧିବେଶନର ପରିଚାଳନା କରିବା

ପ୍ରାରମ୍ଭିକ ଅବସ୍ଥାରେ ଆଲୋଚନା ପାଇଁ ଉତ୍ସାହିତ କରିବା, ଅଂଶଗ୍ରହଣକୁ ନିଶ୍ଚିତ କରିବା ଓ ଧାରରଣାଗୁଡ଼ିକୁ ଲିପିବଦ୍ଧ କରିବା ଆଦି କାର୍ଯ୍ୟ ଶିକ୍ଷକଙ୍କର ହୋଇଥାଏ । ଶିକ୍ଷାର୍ଥୀମାନଙ୍କୁ ଧାରଣା ପାଇଁ ଯେତେବେଳେ ସଂଘର୍ଷ କରିବା ପାଇଁ ପଡ଼ିଥାଏ ବା ସମୟ ଅବଧି ଶେଷ ହୋଇଯାଏ, ସେତେବେଳେ ଦଳକୁ (ବା ଦଳଗୁଡ଼ିକୁ) ସେମାନଙ୍କର ତିନୋଟି ଉତ୍କୃଷ୍ଟ ଧାରଣା ବାଛିବା ପାଇଁ କୁହନ୍ତୁ ଓ କାହିଁକି ଏହାକୁ ବାଛିଲେ – ପଚାରନ୍ତୁ । ଶେଷରେ :

- ସେମାନେ ଯାହା ଭଲ କରିଛନ୍ତି, ଶ୍ରେଣୀରେ ସେଗୁଡ଼ିକର ସଂକ୍ଷେପଣ କରନ୍ତୁ ।
- ଶିକ୍ଷଣ କାର୍ଯ୍ୟର ଉପକାରିତା ସଂପର୍କରେ ସେମାନଙ୍କୁ ପଚାରନ୍ତୁ ଓ ଏହି ମାନସ ମନ୍ଥନ ପ୍ରକ୍ରିୟା ମାଧ୍ୟମରେ ସେମାନେ ନ ଜାଣିଥିବା କ'ଣ ସବୁ ନୂଆ କଥା ଜାଣିପାରିଲେ ପଚାରି ବୁଝନ୍ତୁ ।

### ସମ୍ବଳ-4: ଫଳପ୍ରଦ ମାନସ ମନ୍ଥନ

ମାନସ ମନ୍ଥନର ସଂଜ୍ଞା ନିରୂପଣ କରିବା

- ମାନସମନ୍ଥନର ଉଦ୍ଦେଶ୍ୟକୁ ସ୍ପଷ୍ଟ କରନ୍ତୁ ।
- ସମସ୍ତ ଶିକ୍ଷାର୍ଥୀଙ୍କୁ ଅଂଶଗ୍ରହଣ ତଥା ଚିନ୍ତାକରିବା ପାଇଁ ଉତ୍ସାହିତ କରନ୍ତୁ ।
- ଶିକ୍ଷାର୍ଥୀମାନଙ୍କର ଉତ୍ତରକୁ ଲିପିବଦ୍ଧ କରନ୍ତୁ – ସମସ୍ତ ପ୍ରକାରର ଉତ୍ତରକୁ ଲିପିବଦ୍ଧ କରିବା ଗୁରୁତ୍ୱପୂର୍ଣ୍ଣ ଅଟେ ।
- ଶିକ୍ଷାର୍ଥୀମାନଙ୍କ ସହିତି ଆଲୋଚନା କରି ଉପଯୁକ୍ତ ଦିଗଗୁଡ଼ିକୁ ବାଛନ୍ତୁ । ଯଦି ସମ୍ଭବ ତଥ୍ୟଗୁଡ଼ିକୁ ବିଭାଗୀକରଣ କରନ୍ତୁ ।
- ଏହି ଦିଗ ଅନୁଯାୟୀ ମାନସ ମନ୍ଥନ ଅଧିବେଶନରୁ ମିଳିଥିବା ତଥ୍ୟଗୁଡ଼ିକୁ ଲିପିବଦ୍ଧ କରିବା ପାଇଁ ପଦ୍ଧତି ବାଛନ୍ତୁ ।
- ଲିପିବଦ୍ଧ ହୋଇଥିବା ତଥ୍ୟଗୁଡ଼ିକୁ ଆଲୋଚନା କରନ୍ତୁ ଏବଂ କେଉଁ କ୍ଷେତ୍ରରେ ଅଧିକ ଗବେଷଣାର ଆବଶ୍ୟକତା ଅଛି, ସ୍ଥିର କରନ୍ତୁ । (ଆମେ ଆଉ କଣ ଜାଣିବା ପାଇଁ ଚାହୁଁଛୁ ?)
- ଯେଉଁ ପ୍ରଶ୍ନ ପାଇଁ ଉତ୍ତର ଆବଶ୍ୟକତା ରହୁଅଛି, ସେଗୁଡ଼ିକୁ ଲେଖି ରଖନ୍ତୁ ।
- ଶିକ୍ଷାର୍ଥୀମାନେ 'ଧ୍ୱନି'ର ବିଭିନ୍ନ ଦିଗକୁ ଅନୁଭବ କରିବାଭଳି ଓ ପ୍ରାସଙ୍ଗିକ ହେଲା ଭଳି ଶ୍ରେଣୀଗୃହରେ ଏସବୁ ପ୍ରଶ୍ନର ଉତ୍ତର କିପରି ଦିଆଯାଇପାରିବ, ସେଥିପାଇଁ ଚିନ୍ତା କରନ୍ତୁ ?
- ଶିକ୍ଷାର୍ଥୀମାନଙ୍କୁ କିପରି ସଂଗଠିତ କରିବେ ଓ ଶିକ୍ଷଣକୁ ଆଗେଇନେବେ କେଉଁ ଶିକ୍ଷାର୍ଥୀ ପାଇଁ ଅଧିକ ସାହାଯ୍ୟର ଆବଶ୍ୟକତା ପଡୁଅଛି ଓ ଆପଣ କିପରି ସାହାଯ୍ୟ କରିପାରିବେ, ଏଥିପାଇଁ ଯୋଜନା କରନ୍ତୁ ?

## Additional resources

- 'How to jumpstart your child's mind with brainstorming' by Heather Vale Goss: http://www.education.com/magazine/article/brainstorming-solutions-jumpstart-child-mind/
- Sound theme page: http://www.kathimitchell.com/sound.htm

## References/bibliography

Rao, Z. (2007) 'Training in brainstorming and developing writing skills', ELT Journal, vol. 61, no. 2, pp. 100– 106.

## Acknowledgements

Except for third party materials and otherwise stated below, this content is made available under a Creative Commons Attribution-ShareAlike licence (http://creativecommons.org/licenses/by-sa/3.0/). The material acknowledged below is Proprietary and used under licence for this project, and not subject to the Creative Commons Licence. This means that this material may only be used unadapted within the TESSIndia project and not in any subsequent OER versions. This includes the use of the TESS-India, OU and UKAID logos.

Grateful acknowledgement is made to the following sources for permission to reproduce the material in this unit:

Resource 4: from http://www.tessafrica.net/files/tessafrica/kr_brainstorming.pdf (CC-BY-SA).

Every effort has been made to contact copyright owners. If any have been inadvertently overlooked the publishers will be pleased to make the necessary arrangements at the first opportunity.

Video (including video stills): thanks are extended to the teacher educators, headteachers, teachers and students across India who worked with The Open University in the productions.